## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ଉମରକୋଟ, ୧।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଅବକାରୀ ବିଭାଗ ଉମରକୋଟ ଥାନା ଅଧୀନ କୁମିବେଡା, ବିରସାଡି ଓ ଖାଣ୍ଡା ଗ୍ରାମରେ ଚଢ଼ାଉ କରିଥିଲେ। ସେ ସବୁ ସ୍ଥାନରୁ ୨୬ ଲିଟର ହାତରନ୍ଧା ଦେଶୀ ମଦ ଜବତ କରି ୩ ଜଣଙ୍କୁ ଗିରଫ କରାଯାଇଛି। ସିଆରପିସି ୪୧ ଧାରା ଅନୁଯାୟୀ ଘଟଣା ସ୍ଥଳରେହିଁ ବେଲରେ ଛାଡି ଦିଆଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ରଞ୍ଜୁଲତା ବାରିକ, ଉମରକୋଟ ଅବକାରୀ ଥାନା ଇନଚାର୍ଜ ତିଳକ ରାମ ନାୟକ, ଏଏସ୍ଆଇ ମାଖନ ହାଲଦାର ଅବକାରୀ ବିଭାଗ କନଷ୍ଟେବଲ ସୁବାଷ ଚନ୍ଦ୍ର ଗୌଡ଼, ମହେନ୍ଦ୍ର କୁମାର ବଥରା, ଦେବାଶିଷ ଦାସ, ଅନନ୍ତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୁ ନବବର୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ



ପାପଡ଼ାହାଣ୍ଡି, ୧।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ହିନ୍ଦୁ ଏକତା ବାହିନୀ ପକ୍ଷରୁ ହିନ୍ଦୁ ନବବର୍ଷ ଏବଂ ପଣାସଂକ୍ରାନ୍ତି ପାଳନ ପାଇଁ ସୋମବାର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ଏକତା ବାହିନୀର ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ୧୪ ତାରିଖ ଦିନ ହେବାକୁ ଥିବା ହିନ୍ଦୁ ନବବର୍ଷ ଏବଂ ପଣା ସଂକ୍ରାନ୍ତି ଶାନ୍ତି ଶୃଙ୍ଖଳା ସହିତ କିଭଳି ଶେଷ ହେବ ସେ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ଧୁମ୍‌ଧାମରେ ଉତ୍ସବ ପାଳନ ନେଇ ହିନ୍ଦୁ ଏକତା ବାହିନୀ ସଦସ୍ୟମାନେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ସହ ପାରିତ କରିଛନ୍ତି। ହିନ୍ଦୁ ଏକତା ବାହିନୀର ବି. ଜଗନ ମହନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ବୈଠକରେ ଶଶୀ ମହନ ଶର୍ମା, ସଞ୍ଜୀବ ଅଗ୍ରୱାଲ, ଜି. ଅନନ୍ତ ମୂର୍ତ୍ତି, ଶଙ୍କର ବିଷୋୟୀ, ବିନଦ ଅଗ୍ରୱାଲ , ନୀଳକଣ୍ଠ ତ୍ରିପାଠୀ, ହରି ପାଣିଗ୍ରାହୀ, ତ୍ରିନାଥ ପ୍ରଧାନ, ତ୍ରିନାଥ ଅମନାତ୍ୟ, ଶଙ୍କରଲାଲ ଅଗ୍ରୱାଲ, ମିଟୁ ଶର୍ମାଙ୍କ ସମେତ ଗ୍ରାମର ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ୬ ମାସର ପାରିଶ୍ରମିକ ନ ଦେଇ ଠିକାଦାର ଫେରାର

ପାପଡ଼ାହାଣ୍ଡି, ୧।୪(ସ୍ୱପ୍ନଜିତ ପଟ୍ଟନାୟକ)

୬ ମାସ ଧରି ନିଜର ଝାଳ ବୁହାଇ ଗାଁର ମେଗା ପ୍ରକଳ୍ପ ପାଣି ଟାଙ୍କି ଲାଗି ପରିଶ୍ରମ କଲେ। ପାରିଶ୍ରମିକ ବାବଦକୁ ମୋଟା ଅଙ୍କର ଟଙ୍କା ପାଇବେ ବୋଲି ଆଶା ମଧ୍ୟ ବାନ୍ଧିଥିଲେ। ହେଲେ ନିରୀହ ଶ୍ରମିକମାନଙ୍କ ସରଳତାର ସୁଯୋଗ ନେଇ କାମ କରାଇଦେଲା ଠିକାଦାର। ପରେ କାମଟିକୁ ଅଧାପନ୍ତରିଆ କରିଦେଇ ଶ୍ରମିକଙ୍କ ଟଙ୍କା ନେଇ ଛୁ ହୋଇଗଲେ। ଛଅ ମାସର ପାରିଶ୍ରମିକ ନ ପାଇ ଚିନ୍ତାରେ ଗରିବ ଶ୍ରମିକଙ୍କ ପରିବାର। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ବାସନି ଗ୍ରାମରେ କାମ କରି ପାରିଶ୍ରମିକ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

ଜିଭିପିଆର କମ୍ପାନୀ ପକ୍ଷରୁ ଗ୍ରାମରେ ମେଗା ଜଳ ପ୍ରକଳ୍ପରେ ପାଣି ଟାଙ୍କି ନିର୍ମାଣ ଲାଗି କାମ ଆସିଥିଲା। ଗଞ୍ଜାମର ଜଣେ ଠିକାଦାରଙ୍କୁ କମ୍ପାନୀ କାମ ଦେଇଥିଲା। ୨୦୨୨ ଏପ୍ରିଲରେ ସ୍ଥାନୀୟ ଅଞ୍ଚଳର ଯୁବତୀ ଯୁବକଙ୍କୁ ପ୍ରଲୋଭନ ଦେଖାଇ ସେ କାମ କରାଇଥିଲେ। ଏକସଙ୍ଗେ ଟଙ୍କା ଦିଆଯିବ ବୋଲି ଠିକାଦାର ଶ୍ରମିକମାନଙ୍କୁ କହିଥିଲେ। ଠିକାଦାରଙ୍କ କଥାରେ ପଡ଼ି ୬ମାସ କାଳ ଶ୍ରମିକମାନେ କାମ କରିଥିଲେ। କିନ୍ତୁ ଯେତେବେଳେ ଶ୍ରମିକମାନେ ଟଙ୍କା ମାଗିଥିଲେ ଠିକାଦାର ସେମାନଙ୍କୁ ଭୁଆଁବୁଲାଇ ଚାଲିଥିଲେ। ୬ ମାସ ପରେ ରାତାରାତ ପ୍ରାୟ ୩ ଲକ୍ଷ ଟଙ୍କା ନ ଦେଇ ଠିକାଦାର ସେଠାରୁ ପଳାଇଲେ। ଶ୍ରମିକମାନଙ୍କ ସହ କିରାନା, ମାଂସ, ଜଳଖିଆ ଦୋକାନୀ, ଟ୍ରାକ୍ଟର, କ୍ରଶର ଟଙ୍କା ଆଦି ବାକି ରହିଛି। ବର୍ଷେ ହେଲାଣି ଶ୍ରମିକମାନେ ଟଙ୍କା ଫେରି ପାଇବା ନେଇ ଚାହିଁ ବସିଛନ୍ତି। ସେପଟେ କାମଟି ଅଧାପନ୍ତରିଆ ହୋଇପଡ଼ିଥିବାରୁ ସମ୍ପୂର୍ଣ୍ଣହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଭିପିଆର୍ କମ୍ପାନୀ ବି କୌଣସି ତତ୍ପରତା ଦେଖାଉନାହିଁ। ନିରୀହ ଗରିବ ଶ୍ରମିକମାନେ ସ୍ଥାନୀୟ ଅଞ୍ଚଳରେ କାମ କରି ବି ଟଙ୍କା ପାଉ ନ ଥିବା ବେଳେ କମ୍ପାନୀ ଉକ୍ତ ଠିକାଦାର ବିରୋଧରେ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଗରିବ ଶ୍ରମିକଙ୍କ ଟଙ୍କା ଫେରାଇବ ବ୍ୟବସ୍ଥା କରିବା ସହ ଅଧାପନ୍ତରିଆ କାମ ସାରିବାକୁ ଦାବି ହୋଇଛି। ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଟଙ୍କା ନ ମିଳିଲେ ଅଗାମୀ ଦିନରେ କମ୍ପାନୀ ଓ ଠିକାଦାରଙ୍କ ବିରୋଧରେ ଆଇନର ଆଶ୍ରୟ ନେବୁ ବୋଲି ରାମ ଜାନି, ଶ୍ୟାମ କୁମ୍ଭାର, ମନୋହର ଜାନି, ଚିତରୁ ଜାନି, ତେଲ ଜାନି, ପିତୁଲା ଜାନି, କଳାବତୀ କୁମ୍ଭାର, ପ୍ରମିଳା ଭତରା, ସୁମିତ୍ରା କୁମ୍ଭାର, କନକ କୁମ୍ଭାର, ବିକାଶ ଜାନି, ମଇନା କୁମ୍ଭାର, ମମିତା ଭତରା ପ୍ରମୁଖ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।



ଅଧା ତିଆରି ପାଣି ଟାଙ୍କି ନିକଟରେ ଶ୍ରମିକମାନେ ଅଭିଯୋଗ ଜଣାଉଛନ୍ତି।

- ଚିନ୍ତାରେ ଶ୍ରମିକ
- ବର୍ଷେ ହେବ ଅଧା ପଡ଼ିଛି ପାଣିଟାଙ୍କି କାମ

# ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ବାହାରିଛି ୯୪ କାମ ପାଇଁ ଟେଣ୍ଡର

ନବରଙ୍ଗପୁର, ୧।୪ (ସଦାଶିବ ପ୍ରହରାଜ)

ସାଧାରଣ ନିର୍ବାଚନକୁ ଦୃଷ୍ଟରେ ରଖି ଗତ ୧୬ ତାରିଖରୁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଏହି ସମୟରେ ସରକାରଙ୍କ ପକ୍ଷରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆହ୍ୱାନ ବା କାର୍ଯ୍ୟାଦେଶ ଦିଆଯିବ ନାହିଁ ବୋଲି ନିର୍ବାଚନ କମିଶନ ପୂର୍ବରୁ ସୂଚନା ଦେଇଛନ୍ତି। ନବରଙ୍ଗପୁର ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏହାର ଅବମାନନା କରାଯାଇଛି। ଶିକ୍ଷା ବିଭାଗ ଅଧୀନରେ ଥିବା ଜିଲାର କେତେକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ୨୨ ମାର୍ଚ୍ଚଠାରୁ ୩୦ମାର୍ଚ୍ଚ ୨୪ ମଧ୍ୟରେ ୯୪ଟି କାମ ପାଇଁ ଠିକାଦାର ଭାଗ ନେଇପାରିବେ ଓ ୨ ଏପ୍ରିଲ ୨୪ରେ ଜିଲା ପରିଷଦ କାର୍ଯ୍ୟାଳୟରେ ଉକ୍ତ ଟେଣ୍ଡର ଖୋଲାଯିବ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏହା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ଚର୍ଚ୍ଚା ହେଉଛି। ଯଦି ଜିଲାର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଏଭଳି କାର୍ଯ୍ୟ କରାଯାଏ ତା'ହେଲେ ଅନ୍ୟ ବିଭାଗକୁ ଜିଲା ପ୍ରଶାସନ କି ପ୍ରକାର ନିୟନ୍ତ୍ରଣ କରିବ ତାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି। ଘଟଣାକୁ ନେଇ ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଜିଲାପାଳ ତଥା ରାଜ୍ୟ ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏଭଳି କାର୍ଯ୍ୟ ଯେଉଁ ଅଧିକାରୀଙ୍କ ଦ୍ୱାରା କରାଯାଇଛି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ନେଇ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ପଚାରିବାରୁ ସାମାଜିକ କର୍ମୀଙ୍କ ଅଭିଯୋଗ ପରେ ଟେଣ୍ଡର ବାତିଲ କରାଯାଇଛି ବୋଲି ସେ କହିଛନ୍ତି।



THE CHIEF DEVELOPMENT OFFICER CUM EO,
ZILLA PARISAD, NABARANGPUR

No. 1553 /WE Dt. 15.03.2024

To

The Deputy Director,
Information & Public Relation &
Deputy Secretary to Government (Advertisement)
Information & Public Relation Department,
Government of Odisha, Bhubaneswar.

Sub:- Publication of "e" procurement notice having bid identification No. CDO-NAB-03/2022-23.

Sir,

In inviting a kind reference to the subject cited above, I am submitting herewith the "e" procurement notice having bid identification No. CDO-NAB-03/2022-23 (the details of notice attached separately) for publication at least in Two Oriya Dailies and One English Daily for wide circulation. Since the period of downloading of tender documents from website www.tendersorissa.gov.in starts from 22.03.2024 at 11.00 AM to 30.03.2024 up to 5.00 PM., the notice may be published prior to the date 20.03.2024.

The advertisement bill may please be sent through your good office to the Chief Development Officer CUM EO, Zilla Parisad, Nabarangpur for pass and payment.

Encl:- 'e' Procurement Notice.

Yours faithfully,

Chief Development Officer Cum EO,
Zilla Parisad, Nabrangpur

Memo No. 1554 /Dt. 15.03.2024

Copy along with the notice forwarded to the all Block Development of Nabarangpur district for information and necessary action.

Chief Development Officer Cum EO,
Zilla Parisad, Nabrangpur

# ପ୍ରତିଷ୍ଠା ଦିବସରେ ୫ କର୍ମଚାରୀ ସମ୍ମାନିତ

ନବରଙ୍ଗପୁର, ୧।୪(ସଦାଶିବ ପ୍ରହରାଜ)

ଜିଲା ପୋଲିସ ପକ୍ଷରୁ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ନବରଙ୍ଗପୁରସ୍ଥିତ ରିଜର୍ଭ ପଡ଼ିଆଠାରେ ପାଳିତ ହୋଇଯାଇଛି। ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବାହିନୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସହରରେ ପୋଲିସର ସକ୍ରିୟତା ଯୋଗୁ ଶାନ୍ତି ବଜାୟ ରହୁଥିବା ଏବଂ ସମାଜରେ ପୋଲିସର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରାଯାଇଛି। ଏସ୍‌ପି ଜିଲାବାସୀଙ୍କ ସହିତ ନବରଙ୍ଗପୁର ପୋଲିସ କର୍ମଚାରୀ ପରିବାରକୁ ଓଡ଼ିଶା ଦିବସ ସହ ପୋଲିସ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇ ଥିଲେ। ଏହି ଅବସରରେ ତେନ୍ତୁଳିଖୁଣ୍ଟି ଥାନା ଏସ୍ଆଇ ସନ୍ତୋଷ କୁମାର ମାଝି, ଏଏସ୍ଆଇ ତୁଳସୀରାମ ପୂଜାରୀ, ହାବିଲଦାର ଶାମୁଏଲ ନାଗ, ଏପିଆର କନଷ୍ଟେବଲ ଶିବ ପ୍ରସାଦ ପଟ୍ଟନାୟକ ଓ ତେନ୍ତୁଳିଖୁଣ୍ଟି ଥାନା କନଷ୍ଟେବଲ ବିଦ୍ୟାଧର ମାଲିଙ୍କୁ ଏସ୍‌ପି ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ସମେତ ପୋଲିସ ବିଭାଗର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।



ପ୍ରତିଷ୍ଠା ଦିବସରେ ସମ୍ମାନିତ ହୋଇଥିବା ପୋଲିସ କର୍ମଚାରୀମାନେ।

## ୨୫ ଲିଟର ତାଡି ଜବତ, ଜଣେ ଗିରଫ

ଜୟପୁର ୧।୪(ପବନ ପାଣିଗ୍ରାହୀ)

ତାଡ଼ି ଚାଲାଣବେଳେ କୋରାପୁଟ ଜିଲା ଜୟପୁର ଅବକାରୀ ଥାନା ପୋଲିସ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ଜୟପୁର କୁମ୍ଭାରସାହିର କମପେଲି ଜୟାମ୍ମା (୪୮)। ତାଡ଼ି ଚାଲାଣ ସମ୍ପର୍କରେ ଜୟପୁର ଅବକାରୀ ଥାନା ପୋଲିସ ସୂଚନା ପାଇ କୁମ୍ଭାରସାହି ରାସ୍ତାରେ ଚଢ଼ାଉ କରିଥିଲା। ସେହି ସମୟରେ କମପେଲିଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨୫ ଲିଟର ତାଡି ଜବତ ହୋଇଛି। ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

## ଉମରକୋଟ ଏସ୍‌ଡିପିଓଙ୍କୁ ଡିଜିପି ଡିସ୍କ ସମ୍ମାନ



ଉମରକୋଟ, ୧।୪ (ସନ୍ତୋଷ ଶତପଥୀ)

୮୯ତମ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ମଧୁସିକ୍ତା ମିଶ୍ର ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ପୋଲିସ ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ଡିଜି ଅରୁଣ ଷଡଙ୍ଗୀଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ନିକଟତର ହୋଇ ଦଳ ସହ ଯୋଡ଼ିବାକୁ ପରାମର୍ଶ



ଜିଲାସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନେ।

ପାପଡ଼ାହାଣ୍ଡି, ୧।୪(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ପଞ୍ଚାୟତ କାଳିଆଗୁଡ଼ା ସପ୍ତେଶ୍ୱର ମନ୍ଦିର ନିକଟରେ ଜିଲାସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ନବରଙ୍ଗପୁର ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ବୁଲୁ ସାହୁ, ଜିଲା ସଭାପତି ଭୁଜବଳ ମାଝି, ପିସିସି କୋଷାଧ୍ୟକ୍ଷ ପି. ନାଗ ରତ୍ନମ, ଦିଲ୍ଲୀପ କୁମାର ବେହେରା ଜୋନ ସଭାପତି ୱାଜିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରାଯାଇ ଦଳ କେମିତି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଆଲୋଚନା ହୋଇଛି। ନବରଙ୍ଗପୁର ଜିଲାର ୪ ବିଧାନସଭା ସହ ଲୋକସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ରଣନୀତି ପ୍ରସ୍ତୁତ କରାଯାଇଛି। ନବରଙ୍ଗପୁର ଜିଲାକୁ କଂଗ୍ରେସର ଗଡ଼ କୁହାଯାଉଥିଲା। ଏହି ଗଡ଼କୁ ଫେରିପାଇବା ନେଇ ପର୍ଯ୍ୟବେକ୍ଷକ ଗୁରୁମନ୍ତ୍ର ଦେଇଥିଲେ। ଲୋକଙ୍କ ନିକଟତର ହୋଇ ସେମାନଙ୍କୁ ଦଳ ସହ ଯୋଡ଼ିବା, ଭୋଟର ନିକଟରେ ପହଞ୍ଚି ଭୋଟ ପାଇଁ ନିବେଦନ କରିବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ଦଳୀୟ ପ୍ରାର୍ଥୀଙ୍କୁ ସହଯୋଗ କରିବା ସହ ହାତ ମୁଠା ଟାଣ କରିବାକୁ ପର୍ଯ୍ୟବେକ୍ଷକ କହିଥିଲେ। ଏହି ଅବସରରେ ଜିଲା ମିଡ଼ିଆ ସେଲ ସଭାପତି ଭି.ବିକାଶ ରାଓ, ଉମରକୋଟ ବ୍ଲକ ସଭାପତି ମୁନା ପାଢ଼ୀ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ପ୍ରହଲ୍ଲାଦ ହିଆଲ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦା ତ୍ରିପାଠୀ, ଡାବୁଗାଁ ଜି. ସାଇରଜୁ, ଜିଲା ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡ଼ା, ଧରମ ସିଂ, ଦ୍ୱାରିକା ମହାପାତ୍ର, ରବୀନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ କଂଗେସର ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# 'ଓଡ଼ିଆ ଲେଖାପଢ଼ା ସହ ବହି ସଂଗ୍ରହ କର'

ନବରଙ୍ଗପୁର, ୧।୪(ସଦାଶିବ ପ୍ରହରାଜ)

## ନବରଙ୍ଗପୁର ଜିଲାସ୍ତରୀୟ ଓଡ଼ିଶା ଦିବସ

ନବରଙ୍ଗପୁର ଜିଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦାସ, ଏଡିଇଓ ରେଶମ ଲାଲ ନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ପୌର ନିର୍ବାହୀ ଅଧିକାରୀ ଶଙ୍କର କେରକେଟା, ଜିଲାସ୍ତରୀୟ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ମଧ୍ୟ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରେ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନର ସଫଳତା ପଛରେ ଓଡ଼ିଶାର ଯେଉଁ ବରପୁତ୍ରମାନଙ୍କ ପ୍ରମୁଖ ଭୂମିକା ରହିଥିଲା ସେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଓଡ଼ିଶା ଦିବସ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ,ସଂସ୍କୃତିର ଉନ୍ନତି ଓ ବିକାଶ ଦିଗରେ ଯୁବପିଢ଼ି, ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ଥିବା କହିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଓଡ଼ିଆ ବହି ପଢିବା, ଲେଖିବା ପ୍ରତି ଆଗ୍ରହ, ଓଡ଼ିଆ ବହି ସଂଗ୍ରହ କରି ନିଜ ଘରେ ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ବିଜୟ କୁମାର ମିଶ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ଉପରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଏଡିଇଓ ରେଶମଲାଲ ନାୟକ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ଯୋଗଦେଇଥିଲେ। ଓଡ଼ିଶା ଦିବସ ପାଳନ ଅବସରରେ ଅନୁଷ୍ଠିତ ଓଡିଆ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଦିଲୀପ କୁମାର ମଲ୍ଲିକ, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝି, ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।




ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।








ଉତ୍କଳ ସମ୍ମିଳନୀ ନବରଙ୍ଗପୁର ଶାଖା, ନବରଙ୍ଗପୁର ଉତ୍କଳ ପରିଷଦ ଓ ଉମରକୋଟ ଫକୀର ମୋହନ ପାଠଶାଳା ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଉଛି।

## ସଂକ୍ଷେପରେ

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୁଣପୁର,୧।୪(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ଆମ୍ବାବାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କୋଦଣ୍ଡ ରାମ ପଣ୍ଡା ରବିବାର କାର୍ଯ୍ୟରୁ ଅବସର ନେଇଛନ୍ତି । ଏଥିପାଇଁ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାମ କାଡ୍ରାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷକ କୋଦଣ୍ଡ ରାମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଦୁର୍ଯ୍ୟୋଧନ ବଦ୍ରିକାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ।

### ଚୋରଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

ଠାକୁରାଣୀ ଯାତ୍ରାରେ ଲୋକଙ୍କ ମୋବାଇଲ ଚୋରି ଘଟଣା

ବାଲିମେଳା,୧।୪ (ଶିବଦତ୍ତ ସାହୁ)



ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ ନିଳାକମ୍ବେରୁ ଗ୍ରାମରେ ଦୁଇଦିନ ତଳେ ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା ଚାଲୁଥିବା ବେଳେ ଏହାର ସୁଯୋଗ ନେଇ ଜଣେ ଯୁବକ ସେଠାରେ ଥିବା କେତେ ଜଣ ଲୋକଙ୍କ ମୋବାଇଲ ଫୋନ ଚୋରି କରୁଥିଲେ। ୪/୫ ଜଣଙ୍କ ମୋବାଇଲ ଚୋରି କରିବା ପରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୋବାଇଲ ଚୋରି କରୁଥିବା ବେଳେ ତାଙ୍କୁ ଗ୍ରାମବାସୀ ଧରିଥିଲେ। ତାଙ୍କୁ ଅଟକ ରଖି ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ ପୋଲିସକୁ ଜିମା ଦେଇଥିଲେ। ଗିରଫ ଯୁବକ ଜଣକ ବାଲିମେଳା ସହରରେ ରହୁଛନ୍ତି । ତାଙ୍କ ନାମ କୃଷ୍ଣ ଭଦ୍ରା ବୋଲି ଜଣା ପଡ଼ିଛି । ଏ ନେଇ ନିଳାକାମ୍ବେରୁ ଗ୍ରାମର ରାଜେନ୍ଦ୍ର ମାଢି ଗତ ୩୦ତାରିଖରେ ଥାନାରେ ଲିଖିତ ଏତଲା ଦେଇଥିଲେ। ୧୪୬/୨୪ରେ ଏକ ମାମଲା ରୁଜୁ ହୋଇଛି। କୃଷ୍ଣଙ୍କ ନିକଟରୁ ୫ଟି ମୋବାଇଲ ଜବତ କରାଯାଇଛି । ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି ।

# ରାୟଗଡ଼ାରେ ହେବ ବିଷମକଟକ ନାମାଙ୍କନ, ଭୋଟଗଣତି

ରାୟଗଡ଼ା,୧।୪(ଆଶିଷ ରଞ୍ଜନ ପଣ୍ଡା)

■ ଜିଲାରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ
■ ବିଷମକଟକରେ ସର୍ବାଧିକ ମହିଳା ଭୋଟର

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ଅଙ୍କକଷା ଚାଲିଛି। ଅନ୍ୟପଟେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ପ୍ରଶାସନିକସ୍ତରରେ ମଧ୍ୟ ଚାଲିଛି ବ୍ୟାପକ ପ୍ରସ୍ତୁତି । ବିଶେଷ ଭାବେ ରାୟଗଡ଼ା ଜିଲାର ୩ଟି ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍‌ରେ ଭୋଟଗ୍ରହଣ ବ୍ୟବସ୍ଥା ସୁରୁଖୁରୁରେ ହେବା ନେଇ ପଦକ୍ଷେପ ନେଇଛନ୍ତି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନ। ଜିଲାପାଳ ମନୋଜ ମହାଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ପି ହରିଶା ବି.ସି.ଙ୍କ ନେତୃତ୍ୱରେ ସମସ୍ତ ବୁଥ୍‌ର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସେହିଭଳି ଚଳିତ ଥର ପ୍ରାର୍ଥୀ ନାମାଙ୍କନ ଓ ଭୋଟ ଗଣତି ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାୟଗଡ଼ା ଓ ଗୁଣପୁର ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ନାମାଙ୍କନ ପାଇଁ ପୂର୍ବ ଭଳି ରାୟଗଡ଼ା ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିବା ପାଇଁ ସୁବିଧା ରହିଛି। ତେବେ ଏଥର ବିଷମକଟକ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ରାୟଗଡ଼ାରେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ ବୋଲି ଜଣାପଡ଼ିଛି । ସେହିଭଳି ଭୋଟ ଗଣତି ପାଇଁ ରାୟଗଡ଼ା ନିର୍ବାଚନମଣ୍ଡଳୀର ଭୋଟ ଗଣତି ସିରିଗୁଡ଼ାସ୍ଥିତ ଏକଲବ୍ୟ ମଡ଼େଲ ସ୍କୁଲ ଏବଂ ଗୁଣପୁର ନିର୍ବାଚନମଣ୍ଡଳୀର ଭୋଟ ଗଣତି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହେବ ବୋଲି ଜଣାପଡ଼ିଛି। ତେବେ ଚଳିତ ଥର ବିଷମକଟକ ନିର୍ବାଚନମଣ୍ଡଳୀର ଭୋଟ ଗଣତି ରାୟଗଡ଼ା ସହରସ୍ଥିତ ଜିସିଡି ଜିଲା ହାଇସ୍କୁଲଠାରେ ହେବ ବୋଲି ସୂଚନା ମିଳିଛି।

ଜିଲାର ସମସ୍ତ ସୀମାନ୍ତ ଅଞ୍ଚଳରେ ସିଆର୍‌ପିଏଫ୍ ଓ ପୋଲିସ ଯବାନ ପଇଁତରା ମାରୁଛନ୍ତି । ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀରେ ମୋଟ ୮୮୩ ବୁଥ୍ ରହିଛି । ସେଥିମଧ୍ୟରୁ ରାୟଗଡ଼ାରେ ୩୦୧, ବିଷମକଟକରେ ୨୯୩ ଏବଂ ଗୁଣପୁରରେ ୨୮୯ଟି ବୁଥ୍ ରହିଛି। ତେବେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ୩ଟି, ବିଷମକଟକ ନିର୍ବାଚନମଣ୍ଡଳୀରେ ୨୭ଟି ଏବଂ ଗୁଣପୁର ନିର୍ବାଚନମଣ୍ଡଳୀରେ ୨୩ଟି ବୁଥ୍ ମାଓବାଦୀ ପ୍ରବଣ ଅଞ୍ଚଳରେ ରହିଛି। ତେଣୁ ସମସ୍ତ ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଯବାନମାନେ ନିୟମିତ ପଇଁତରା ମାରୁଛନ୍ତି। ପ୍ରତ୍ୟେକ ବୁଥ୍‌ରେ ଜଣେ ପୋଲିସ କର୍ମଚାରୀଙ୍କ ସହ ଜଣେ ପ୍ରିଜାଇଡିଂ ଅଫିସର ଏବଂ ୫ଜଣ ପୋଲିଂ ଅଫିସର ରହିବା ନେଇ ଜଣାପଡ଼ିଛି।

ଆଗାମୀ ନିର୍ବାଚନରେ ଜିଲାରେ ମୋଟ ୭,୦୪,୫୦୩ ଭୋଟର ରହିଛନ୍ତି । ସେଥିରୁ ୩,୩୧,୮୪୪ ପୁରୁଷ ଏବଂ ୩,୭୨,୪୭୪ ମହିଳା ଏବଂ ୧୮୫ ଟ୍ରାନ୍ସଜେଣ୍ଡର ଭୋଟରେ ରହିଛନ୍ତି । ରାୟଗଡ଼ା ନିର୍ବାଚନମଣ୍ଡଳୀରେ ୨,୫୦,୫୬୬ ଭୋଟର, ବିଷମକଟକ ନିର୍ବାଚନମଣ୍ଡଳୀରେ ୨,୩୨,୪୪୨ ଏବଂ ଗୁଣପୁର ନିର୍ବାଚନମଣ୍ଡଳୀରେ ୨,୨୧,୪୯୫ ଭୋଟର ରହିଛନ୍ତି । ତେବେ ୩ଟି ଯାକ ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ରହିଛନ୍ତି। ପୁରୁଷ ଭୋଟରଙ୍କ ଅପେକ୍ଷା ରାୟଗଡ଼ାରେ ୧୩,୮୨୩, ବିଷମକଟକରେ ୧୮,୭୨୯ ଏବଂ ଗୁଣପୁରରେ ୮୦୭୮ ମହିଳା ଭୋଟର ଅଧିକା ଥିବା ସୂଚନା ମିଳିଛି।

# ଓଡ଼ିଆ ଭାଷା, ସଂସ୍କୃତିକୁ ସମୃଦ୍ଧ କରିବାକୁ ଆହ୍ୱାନ

ରାୟଗଡ଼ା,୧।୪(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳ ମନୋଜ ମହାଜନ ଓ ଅନ୍ୟମାନେ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତିଚାରଣ କରୁଛନ୍ତି।

ରାୟଗଡ଼ାରେ ଜିଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଭାତ ଫେରି ପରେ ସ୍ଥାନୀୟ ଗଜପତି ଛକରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲେନୁର, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସାମୂହିକ ମାଲ୍ୟାର୍ପଣ କରିଥିଲେ। ଏହାପରେ ସ୍ଥାନୀୟ ଆଜାଦ ହିନ୍ଦ୍ ୟୁଥ୍ ଆସୋସିଏଶନ ନିକଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ନୂତନ ବସ୍‌ଷ୍ଟାଣ୍ଡ ସ୍ଥିତ ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଶାସ୍ତ୍ରୀ ନଗରର ଶହୀଦ ଲକ୍ଷ୍ମଣ ନାୟକ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ପାର୍କରେ ଅବସ୍ଥାପିତ ପଣ୍ଡିତ ଗୋପବନ୍ଧୁ ଦାସ, ଜାତିର ଜନକ ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ, ବିନୋବା ଭାବେ ଓ ଠକର ବାପାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନସାଧାରଣ ଉପସ୍ଥିତ ଥିଲେ । ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଆ ମହାପୁରୁଷଙ୍କ ଭୂମିକା ଏବଂ ଆଜିର ପ୍ରଗତିଶୀଳ ଓଡ଼ିଶାରେ ସମସ୍ତ ବର୍ଗର ବିକାଶ ଉପରେ ଆଲୋକପାତ କରିଥିଲେ । ସେହିଭଳି ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ମୁଖ୍ୟବକ୍ତା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିବା ବେଳେ ଆଜକୁ ୮୮ବର୍ଷ ବିତିଗଲାଣି। ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଉଜ୍ଜୀବିତ ତଥା ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାପୁରୁଷଙ୍କ ଉଦ୍ୟମକୁ ସ୍ମୃତିଚାରଣ କରିଥିଲେ। ଶେଷରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ୬୮ କେଜି ଗଞ୍ଜେଇ ଜବତ

ଗୁଡାରି,୧।୪ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ସିରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁମି ଗ୍ରାମ ନିକଟରୁ ପୋଲିସ ବିକ୍ରିହେବାକୁ ଥିବା ୬୮ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଗୁଡାରି ପୋଲିସ ଖବର ପାଇଥିଲା। ପରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଗୁମି ଗ୍ରାମରେ ଚଢ଼ାଉକରି ଗଞ୍ଜେଇ ଜବତ କରିଥିଲା। ଏ ନେଇ ଗୁଡାରି ପୋଲିସ କେସ୍ ନମ୍ବର ୩୬/୨୦୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।



ଜବତ ଗଞ୍ଜେଇ ସହ ପୋଲିସ।

### ଅର୍ଥ ଆଦାୟ ଯୋଗୁ ପରୀକ୍ଷାରୁ ବଞ୍ଚିତ ହେଲେ ସନ୍ଦୀପ

କଲେଜ ପକ୍ଷରୁ ଆଦାୟ କରା ଯାଉଥିଲା ୧ହଜାର ଲେଖାଏ ଟଙ୍କା

ମାଥିଲି,୧।୪(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରମହକୁମାରେ ଥିବା ଯୁକ୍ତ ୩ କଲେଜରେ ଛାତ୍ରୀଛାତ୍ରଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ୧ହଜାର ଲେଖାଏ ଟଙ୍କା ଯିଏ ଦେବେ ସେ ପରୀକ୍ଷା ଦେଇପାରିବେ ନ ହେଲେ ନାହିଁ ବୋଲି କୁହାଯାଉଛି। ଫଳରେ ଅର୍ଥ ଦେଇ ନ ପାରି କେତେକ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ର ସନ୍ଦୀପ ବେହେରା ଅନ୍ୟତମ। ସେ ଅର୍ଥଦେଇ ନ ପାରିବାରୁ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଦେଇପାରିନାହାନ୍ତି। ତେବେ ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରତ୍ନାକର ସାହୁଙ୍କୁ ପଚାରିବାରୁ ସେ ଅର୍ଥ ଆଦାୟକୁ ଅସ୍ୱୀକାର କରି କହିଲେ, ସମ୍ପୃକ୍ତ ଛାତ୍ର ଜଣକ ଆଦୌ ପରୀକ୍ଷା ଦେବାକୁ କୌଣସି ଦିନ ଆସିନାହାନ୍ତି। ଅନ୍ୟପକ୍ଷରେ ଛାତ୍ର ସନ୍ଦୀପଙ୍କୁ ପଚାରିବାରୁ ସେ କହିଲେ, ଅର୍ଥ ମାଗିବାରୁ ମୁଁ ଦେଇପାରିଲିନି। ତେଣୁ ପରୀକ୍ଷା ଦେବାକୁ ଗଲିନି ବୋଲି କହିଛନ୍ତି। ତେବେ ଏହାର ତଦନ୍ତ କରି ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୧।୪(ପବନ ପାଣିଗ୍ରାହୀ)

ମାଛକୁଣ୍ଡ ଥାନା ଅନ୍ତର୍ଗତ ମାହାଡା ଗ୍ରାମର ରୁକୁଣି ପୂଜାରୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୩ ବର୍ଷ ତଳେ ସେ ଜିତେନ୍ଦ୍ର ସମରେଡ୍ଡିଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ସ୍ୱାମୀ ଜିତେନ୍ଦ୍ର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଅଭିଯୋଗକୁ ପୋଲିସ ଗୁରୁତର ସହ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ



କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଗୁଣପୁର/ବିଷମ କଟକ,୧।୪(ପ୍ରଦୀପ କୁମାର ପାଢୀ/ ବିଭୂତି ଭୂଷଣ ନାୟକ)

### ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ରାୟଗଡ଼ା ଜିଲା ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ସୋମବାର ପାଳିତ ହୋଇଯାଇଛି। ଗୁଣପୁର ଉପ ଜିଲାପାଳ କୀରନ ଦୀପ କୌର ସାହୋତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ଅଧ୍ୟକ୍ଷତା କରିଥିଲେ। ସହରର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ୱାଧୀନ କୁମାର ବାଉରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମୌନିକା ପାତ୍ର, ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ଛାତ୍ର ସ୍ମୃତି ବର୍ଦ୍ଧନ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଶୁଭସ୍ମିତା ମହାପାତ୍ର ପ୍ରମୁଖ ଓଡ଼ିଶା ଦିବସ ଉପରେ ବ୍ୟକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣ ମାଧ୍ୟମରେ ପୁରୀ ଜଗନ୍ନାଥ ଧାମ ଓ ଜଗନ୍ନାଥ ମହାପ୍ରଭୁଙ୍କ ମାନବୀୟ ଲୀଳା, କୋଣାର୍କର କଳା, ଚନ୍ଦ୍ରଭାଗାର ସୌନ୍ଦର୍ଯ୍ୟ, ସମ୍ବଲପୁରୀ ଶାଢ଼ୀର ଚାହିଦା ଆଦି ଓଡ଼ିଶା ଗୌରବକୁ ବିଶ୍ୱରେ ପରିଚିତ କରିପାରିଛି ବୋଲି କହିଥିଲେ । ଅନନ୍ତ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ବଂଶଧାରା ସାହିତ୍ୟ ସମାଜ ତରଫରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ଧୂପ ପ୍ରଜ୍ୱଳନ କରି ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରାଯାଇଥିଲା । ଓଡ଼ିଶା ଦିବସରେ ଉତ୍କଳ ବରପୁତ୍ରମାନେ କିଭଳି ଏହି ଉତ୍କଳ ପ୍ରଦେଶ ଗଠନରେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ଓଡ଼ିଶାର ଇତିହାସ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବକ୍ତା ଭାବେ ସୀମାଞ୍ଚଳ କର, ପ୍ରଭାତ ଶତପଥି , ପ୍ରତାପ ରାୟ, ବିଜୟ ପାଢ଼ୀ, ଅଶ୍ୱିନୀ ତ୍ରିପାଠୀ, ରମେଶ ମିଶ୍ର, ଉମା ଦାସ, ଦୀପକ ପଣ୍ଡା , କୈଳାସ ଦାସ , ଦୁର୍ଗା ଶତପଥି, ବିମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଷମ କଟକ ସଦର କଲ୍ୟାଣ ମଣ୍ଡପରେ ନବୀନ ବିକାଶ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଗବେଷକ ଶ୍ରୀରଙ୍ଗ ନାୟକ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ଶରତ ଚନ୍ଦ୍ର ସେଠ, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତ୍ରିନାଥ ଗୌଡ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅତିଥିମାନେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କ ଅବଦାନ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ବାଳମୁକୁନ୍ଦ ପାଳ ମଞ୍ଚ ପରିଚାଳନା କରିଥିଲେ । ବିଷମ କଟକ ଓକିଲ ସଂଘ ତରଫରୁ ମଧ୍ୟ ଉତ୍କଳଗୌରବ ମଧୁସୁଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।




ବିଷମ କଟକ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟମାନେ।

କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଆଦର୍ଶ ଥାନା ଅଧିକାରୀ, ମଙ୍ଗଳ ଅଧିକାରୀ, ପ୍ରୋଗ୍ରାମ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଖବରଦାତା ସମୂହ ଉପସ୍ଥିତ ଥିଲେ । କନିଷ୍ଠ ରାଜସ୍ୱ ସହାୟକ ଯସ୍ମୀନ ଭୂୟାଁ ଓ ଯସ୍ମୀନ ଦୋରା ସହଯୋଗ କରିଥିଲେ ।

ସେହିପରି କାଳୀ ପୂଜା ମଣ୍ଡପଠାରେ

# ୮୯ତମ ପୋଲିସ ପ୍ରତିଷ୍ଠା ଦିବସ




ଏସ୍‌ପି ହରିଶା ବି.ସି. ଜଣେ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି।

ରାୟଗଡ଼ା,୧।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅଧୀନ ପୋଲିସ ରିଜର୍ଭ ପଡ଼ିଆରେ ସୋମବାର ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ହରିଶା ବି.ସି. ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହେଲ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଷ୍ଠାପର କାର୍ଯ୍ୟ ପାଇଁ ଏସ୍‌ଆଇ ପ୍ରଶାନ୍ତ କୁମାର ସ୍ୱାଇଁ, ଏଏସ୍‌ଆଇ ପ୍ରଦୀପ କୁମାର ବେହେରା, ହାବିଲଦାର ବିଶ୍ୱନାଥ ତାଣ୍ଡି, ଓଆର୍ କନେଷ୍ଟବଳ ବିରଞ୍ଚି ନାରାୟଣ କନ୍ଧପାଣି ଏବଂ ଏପିଆର କନ୍‌ଷ୍ଟେବଳ ମୁରଲୀଧର କିନ୍ତାଲୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

# ଅବ୍ୟବସ୍ଥା ଘେରରେ ରାୟଗଡ଼ା ବସ୍‌ଷ୍ଟାଣ୍ଡ, ଯାତ୍ରୀ ହଇରାଣ

ରାୟଗଡା,୧।୪ (ଭାଗ୍ୟଶ୍ରୀ ମିଶ୍ର)

■ ବେଆଇନ ଭାବେ ଶୌଚାଳୟ ଫି ଆଦାୟ
■ ମିଳୁନି ପାଣି, ରାତିରେ ଜଳୁନି ଲାଇଟ
■ ବଢୁଛି ଚୋରଙ୍କ ଦୌରାତ୍ମ୍ୟ

ରାୟଗଡ଼ା ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ବସ୍‌ଷ୍ଟାଣ୍ଡରେ ଲାଗିଥିବା ବିଭିନ୍ନ ସରଞ୍ଜାମ ଏବେ ଅକାମୀ ହୋଇ ପଡ଼ିରହିଛି। ଫଳରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସ୍‌କୁ ଅପେକ୍ଷା କରୁଥିବାବେଳେ ପାନୀୟ ଜଳର ସୁବିଧା ନ ଥିବା, ପଙ୍ଖା ବୁଲୁ ନ ଥିବାରୁ ପ୍ରବଳ ଗରମରେ ବହୁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାୟଗଡା ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟରୁ ବେଆଇନ ଭାବେ ଫି ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ପୌର ପରିଷଦ ପକ୍ଷରୁ ଏହି ଶୌଚାଳୟ କରାଯାଇ ଜଣେ ବ୍ୟକ୍ତିଙ୍କୁ ଟେଣ୍ଡର ଦିଆଯାଇଛି। ତେବେ ସେଠାରେ ପୁରୁଣା ବୋର୍ଡ ଲଗାଯାଇ ବେଆଇନ ଭାବେ ଶୌଚ ଫି ଆଦାୟ କରାଯାଉଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନୁସୂଚିତ ଜାତି ଜନଜାତି ସଂଖ୍ୟା ଲଘୁ ସମ୍ପ୍ରଦାୟ ଉନ୍ନୟନ ମନ୍ତ୍ରୀ ଭାବେ ଲାଲ ବିହାରି ହିମିରିକା ଥିବା ସମୟରେ ୨୦୧୩ରେ ଏହି ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରାଯାଇଥିଲା। ରାୟଗଡା ବସ୍‌ଷ୍ଟାଣ୍ଡ ଉପରେ ଜିଲାର ୧୧ଟି ବ୍ଲକର ୧୮୨ ପଞ୍ଚାୟତବାସୀ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ବ୍ୟବହାର କରିଥାନ୍ତି । ସେହିପରି ରାୟଗଡାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ଏବଂ ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଦର୍ଶନ ପାଇଁ ପଡୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡରୁ ମଧ୍ୟ ଯାତ୍ରୀ ଆସିଥାନ୍ତି। କିନ୍ତୁ ବସ୍‌ଷ୍ଟାଣ୍ଡର ଏଭଳି ଅବ୍ୟବସ୍ଥା ଦେଖି ସେମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳୁଛି। ରାୟଗଡା ବ୍ଲକର ମୀରାବାଲିକୁ ଯିବା ପାଇଁ ଜଣେ ଯୁବତୀ କୌଶଲ୍ୟା ହିକ୍କା ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ସରକାରୀ ବସ୍‌ଷ୍ଟାଣ୍ଡରେ ଶୌଚ ପାଇଁ ଫି ଆଦାୟ କରାଯିବା ଘଟଣାକୁ ସେ ଦୃଢ଼ ବିରୋଧ କରିଥିଲେ। ସେହିପରି ବସ୍‌ଷ୍ଟାଣ୍ଡ ବିଶ୍ରାମ କୋଠରୀରେ ଲାଗିଥିବା ୨୦ଟି ଫ୍ୟାନରୁ ୧୮ଟି ଅକାମୀ ହୋଇ ପଡ଼ିରହିଛି। ପଙ୍ଖା ଚାଲୁ ନ ଥିବାରୁ ଗରମ ଗୁଳୁଗୁଳିରେ ରହି ହେଉନି ବୋଲି ଅଭିଯୋଗ କରିଛନ୍ତି। ସେହିପରି ବ୍ରହ୍ମପୁର ଯିବାକୁ ଜଣେ ଯାତ୍ରୀ ମାଙ୍ଗା ମା’ ବସ୍‌କୁ ଅପେକ୍ଷା କରିଥିବାବେଳେ ବସ୍‌ଷ୍ଟାଣ୍ଡର ଅବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଅନ୍ୟ ସମସ୍ତ ବସଷ୍ଟାଣ୍ଡରେ କେଉଁ ବସ୍ କେତେବେଳେ କେଉଁଠୁ ଛାଡିବ ସେ ନେଇ ଡାକାବାଜି ଯନ୍ତ୍ରରେ ସୂଚନା ଦିଆଯାଇଥାଏ। ହେଲେ ଏଠାରେ ସେପରି କୌଣସି ବ୍ୟବସ୍ଥା ନାହିଁ, ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ପ୍ରଚଣ୍ଡ ଖରା ସତ୍ତ୍ୱେ ବସ୍‌ଷ୍ଟାଣ୍ଡରେ ପାନୀୟ ଜଳ ସୁବିଧା ନ ଥିଲା। ଯାତ୍ରୀମାନେ ପାଟିତୁଣ୍ଡ କରିବାରୁ ରବିବାର ସରକାରୀ ଛୁଟି ସତ୍ତ୍ୱେ ବିଭଗ ପକ୍ଷରୁ ଜଳ ଛତ୍ର ଆଣି ବସଷ୍ଟାଣ୍ଡରେ ଲଗାଯାଇଛି । ଅନ୍ୟପଟେ ରାତ୍ରି ସମୟରେ ସମସ୍ତ ଲାଇଟ ଜଳୁ ନ ଥିବାରୁ ପକେଟମାର ଏବଂ ଚୋରଙ୍କ ଦୌରାତ୍ମ୍ୟ ବଢୁଥିବା ଦେଖିବାକୁ ମିଳିଛି । ସେହିପରି ଯାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଆକ୍ୱାଗାର୍ଡ ଲାଗିଥିଲେ ମଧ୍ୟ ତାହା ଖରାପ ହୋଇ ପଡ଼ିରହିଛି। ଫଳରେ ପାଣି ଟୋପାଏ ପାଇଁ ଯାତ୍ରୀ ଉହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ବସ୍‌ଷ୍ଟାଣ୍ଡରେ ପୁରୁଷ ପାଇଁ ୧ ଶୌଚାଳୟ ଏବଂ ମହିଳା ପାଇଁ ଗୋଟିଏ ଶୌଚାଳୟ ଥିଲେ ମଧ୍ୟ ନିୟମିତ ସଫେଇ କରାଯାଉ ନାହିଁ । ତୁରନ୍ତ ସେଗୁଡିକ ସଫା କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ ବସ୍‌ଷ୍ଟାଣ୍ଡରେ ପାର୍କିଂ ପାଇଁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବସ୍‌ଗୁଡିକ ମନଇଚ୍ଛା ରଖୁଥିବାରୁ ଅନ୍ୟ ବସ୍ ରଖିବାକୁ ଉପଯୁକ୍ତ ଜାଗା ନ ଥିବା ବସ ମାଲିକ କହୁଛନ୍ତି । ସରକାରଙ୍କ ତରଫରୁ ପ୍ରତିବର୍ଷ ବସ୍‌ଷ୍ଟାଣ୍ଡ ରକ୍ଷଣବେକ୍ଷଣ ପାଇଁ ଟଙ୍କା ଆସୁଛି। ହେଲେ ତାହା ଠିକ୍ ଭାବେ କାର୍ଯ୍ୟରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ବସ୍‌ଷ୍ଟାଣ୍ଟର ବିଭିନ୍ନ ଅବ୍ୟବସ୍ଥା ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ପୌର ପରିଷଦର ସାନିଟାରି ଇନସ୍ପେକ୍ଟର ବାଲ ରାଜୁଙ୍କୁ ଯୋଗାଯୋଗ କରିବାରୁ ସର୍ବସାଧାରଣ ସ୍ଥାନରେ ଦେୟମୁକ୍ତ ଶୌଚ ପାଇଁ ନିୟମ ରହିଛି । ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ଯଦି କାହାଠୁ ଫି ଆଦାୟ କରାଯାଉଛି, ଆମେ ତାଙ୍କ ସହ ଆଲୋଚନା କରିବୁ। ଦରକାର ପଡ଼ିଲେ ଟେଣ୍ଡର ରଦ୍ଦ କରାଯିବ ବୋଲି ସେ କହିଛନ୍ତି ।



ରାୟଗଡ଼ା ବସ୍‌ଷ୍ଟାଣ୍ଡ ପରିସରରେ ବେଆଇନ୍ ଭାବେ ପାର୍କିଂ ହୋଇଥିବା ବାଇକ୍ ।

## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୧।୪(ପବନ ପାଣିଗ୍ରାହୀ)

ମାଛକୁଣ୍ଡ ଥାନା ଅନ୍ତର୍ଗତ ମାହାଡା ଗ୍ରାମର ରୁକୁଣି ପୂଜାରୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୩ ବର୍ଷ ତଳେ ସେ ଜିତେନ୍ଦ୍ର ସମରେଡ୍ଡିଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ସ୍ୱାମୀ ଜିତେନ୍ଦ୍ର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଅଭିଯୋଗକୁ ପୋଲିସ ଗୁରୁତର ସହ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୧୮ ଲିଟର ବେଦେଶୀ ମଦ ଜବତ. ଜଣେ ଗିରଫ



ବାଲିମେଳା, ୧।୪।(ଶିବଦତ୍ତ ସାହୁ)

ମାଲକାନଗିରି ଜଲା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରବିବାର ସନ୍ଧ୍ୟାରେ କୁଡୁମୁଲୁଗୁମା ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ହିୟାଲଙ୍କ ନେତୃତ୍ୱରେ ଏକ ଟିମ ପର୍କନମାଳା ଗ୍ରାମ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାକନପଲ୍ଲି ଗ୍ରାମର ମିଶ୍ର ବଟଗାରିଆ ନାମକ ବ୍ୟକ୍ତି ବ୍ୟାଗରେ ୧୮ ଲିଟର ବିଦେଶୀ ମଦ ଧରି ଯାଉଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ। ଘଟଣା ସ୍ଥଳରେ ପୋଲିସ ତାଙ୍କଠାରୁ ମଦ ଜବତ କରି ଥାନାକୁ ଆଣିଥିଲେ। ଏନେଇ ଥାନାରେ ୧୪୮/୨୪ରେ ଏକ ମାମଲା ରୁଜୁ ହୋଇଛି। ମିଶ୍ରଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

### ଚୋରକୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

ଠାକୁରାଣୀ ଯାତ୍ରାରେ ଲୋକଙ୍କ ମୋବାଇଲ ଚୋରି ଘଟଣା



ବାଲିମେଳା, ୧।୪ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ ନିଳାକମ୍ବେରୁ ଗ୍ରାମରେ ଦୁଇଦିନ ତଳେ ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା ଚାଲୁଥିବା ବେଳେ ଏହାର ସୁଯୋଗ ନେଇ ଜଣେ ଯୁବକ ସେଠାରେ ଥିବା କେତେ ଜଣ ଲୋକଙ୍କ ମୋବାଇଲ ଫୋନ ଚୋରି କରୁଥିଲେ। ୪/୫ ଜଣଙ୍କ ମୋବାଇଲ ଚୋରି କରିବା ପରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୋବାଇଲ ଚୋରି କରୁଥିବା ବେଳେ ତାଙ୍କୁ ଗ୍ରାମବାସୀ ଧରିଥିଲେ। ତାଙ୍କୁ ଅଟକ ରଖି ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ ପୋଲିସକୁ ଜିମା ଦେଇଥିଲେ। ଗିରଫ ଯୁବକ ଜଣକ ବାଲିମେଳା ସହରରେ ରହୁଛନ୍ତି । ତାଙ୍କ ନାମ କୃଷ୍ଣ ଭତ୍ରା ବୋଲି ଜଣା ପଡ଼ିଛି । ଏ ନେଇ ନିଳାକମ୍ବେରୁ ଗ୍ରାମର ରାଜେନ୍ଦ୍ର ମାଢ଼ି ଗତ ୩୦ତାରିଖରେ ଥାନାରେ ଲିଖିତ ଏତଲା ଦେଇଥିଲେ। ୧୪୬/୨୪ରେ ଏକ ମାମଲା ରୁଜୁ ହୋଇଛି। କୃଷ୍ଣଙ୍କ ନିକଟରୁ ୫ଟି ମୋବାଇଲ ଜବତ କରାଯାଇଛି । ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି ।

# ଓଡ଼ିଶା ଦିବସ ଓଡ଼ିଆଙ୍କ ଅସ୍ମିତାର ମହୋତ୍ସବ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)



ଜିଲାପାଳ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

ଓଡିଶା ଦିବସ ହେଉଛି ଓଡିଆ ଅସ୍ମିତା, ସ୍ୱାଭିମାନ ଓ ଭାବାବେଗର ପ୍ରତୀକ । ୮୯ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ଉତ୍ସବକୁ ଉତ୍ସାହ ଓ ଉଦ୍ଦିପନାର ସହ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସଚିନ ପାବାର ଯୋଗଦେଇ ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡିଶା ଦିବସ ଓଡିଆଙ୍କ ଅସ୍ମିତାର ମହୋତ୍ସବ । ଜଣେ ଓଡିଆ ଭାବରେ ଆମର ଗୌରବମୟ ଇତିହାସ, ଆମ ଭାଷା, ଆମ ସାହିତ୍ୟ ଓ ଆମ ସଂସ୍କୃତିକୁ ସାଥୀରେ ଧରି ଆମକୁ ବଢ଼ିବାକୁ ହେବ ବୋଲି ଜିଲାପାଳ କହିଥିଲେ। ଉପସ୍ଥିତ ଅନ୍ୟତମ ଅତିଥି ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ରାଜ୍ୟର ବିକାଶ ଓ ଶ୍ରେଷ୍ଠ ଏବଂ ସଶକ୍ତ ଓଡିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସହଯୋଗ ମିଳିଲେ ଏହା ସମ୍ଭବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅତିରିକ୍ତ ଜିଲାପାଳ ସାଧାରଣ ସୋମାନାଥ ପ୍ରଧାନ କହିଲେ, ଆମ ପୂର୍ବସୁରୀମାନେ ଯେଉଁ ସଂଗ୍ରାମ, ତ୍ୟାଗ ଓ ବଳିଦାନ ଦେଇ ଆମ ରାଜ୍ୟକୁ ଗଢ଼ିଥିଲେ ସେମାନଙ୍କ ପଦାଙ୍କ ଅନୁସରଣ କରି ଯୁବପୀଢ଼ି ରାଜ୍ୟକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଉଚିତ୍ ବୋଲି ଉପସ୍ଥିତ ଛାତ୍ରୀଛାତ୍ର ଓ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦୁର୍ଯ୍ୟୋଧନ

### ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ଭୋଇ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ମନସ୍ୱୀ ସେଠୀ, ତହସିଲଦାର ଡ. ଲଳିତ ବାଘ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଉପସ୍ଥିତ ରହି ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ଜିଲାସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସତ୍ୟ ନାରାୟଣ ଓ ଘଡେଇ ଆବାସିକ ମହାବିଦ୍ୟାଳୟ, ଆଇଏମ୍ଏସ୍‌ଟି ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

# ବିଲୁପ୍ତ ବାସ ଚନ୍ଦନ ଗଛ ପୁନରୁଦ୍ଧାର କରୁଛନ୍ତି ନିର୍ମଳ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)



ନିଜ ଚନ୍ଦନ କ୍ଷେତରେ ନିର୍ମଳ।

ଚନ୍ଦନ ବୃକ୍ଷ ଦୁଇ ପ୍ରକାରର । ଗୋଟିଏ ବାସ ଚନ୍ଦନ ଏବଂ ଅନ୍ୟଟି ରକ୍ତ ଚନ୍ଦନ । ବାସ ଚନ୍ଦନ ଆମ ଦେଶରେ କେରଳ ରାଜ୍ୟରେ ପ୍ରଚୁର ପରିମାଣରେ ଜଙ୍ଗଲରେ ଥିବା ବେଳେ ଓଡିଶାର ଅବିଭକ୍ତ କୋରାପୁଟ ଜିଲାରେ ଏହା ବହୁ ଜଙ୍ଗଲରେ ଦେଖିବାକୁ ମିଳୁଥିଲା। କାଳକ୍ରମେ ଜଙ୍ଗଲ ମାଫିଆମାନେ ଏହି ମୂଲ୍ୟବାନ ବାସ ଚନ୍ଦନ ଗଛକୁ କାଟି ଚୋରାରେ ବିକ୍ରି କରିବାରୁ କ୍ରମଶଃ ଚନ୍ଦନ ଜଙ୍ଗଲ ପ୍ରାୟତଃ ଲୋପ ପାଇଯାଇଛି। ବନବିଭାଗ କେବେ କେମିତି କେତେକ ଜଣ ଅପରାଧୀଙ୍କୁ ଧରିଥିଲେ ମଧ୍ୟ ଏହାକୁ ରୋକିପାରିନାହିଁ। ଏହି ବାସ ଚନ୍ଦନ କାଠ ମହାପ୍ରଭୁ ଜଗନ୍ନାଥଙ୍କ ସହ ରାଜ୍ୟର ପ୍ରତି ଦେବାଦେବୀ, ବିବାହ, ବ୍ରତ, ଶୁଭ କା ର୍ଯ୍ୟ, ଶ୍ମଶାନରେ ମୃତଦେହ ସତ୍କାର ସମୟରେ ବ୍ୟବହାର ହୋଇଥାଏ। ସେହିପରି ରକ୍ତ ଚନ୍ଦନ ଏକ ଔଷଧୀୟ ବୃକ୍ଷ। ଏହି ଚନ୍ଦନ ବିଭିନ୍ନ ରୋଗ ପାଇଁ ଉପଯୁକ୍ତଆର୍ୟୁର୍ବେଦିକ ଔଷଧ ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ। ତେବେ ଏହି ବିଲୁପ୍ତ ବାସ ଚନ୍ଦନ କିପରି ପୁନରୁଦ୍ଧାର ହେବ ସେଥିପାଇଁ ମାଲକାନଗିରି ଜିଲା ସଦର ଥାନା ଅଞ୍ଚଳ ଗୌଡଗୁଡା ପଞ୍ଚାୟତ ଏମ୍.ଭି. ୧୦ ଗ୍ରାମର ନିର୍ମଳ ମଣ୍ଡଳ ନିଜ ପ୍ରଚେଷ୍ଟାରେ ନିଜସ୍ୱ ଖର୍ଚ୍ଚରେ ତାଙ୍କର ଅଢେଇ ଏକର ଜମିରେ ୫୦୦ ବାସ ଚନ୍ଦନ ଗଛ ରୋପଣ କରିଛନ୍ତି। ଦୁଇବର୍ଷ ତଳେ ସେ ମହିଶୁରର ଏକ ଫାର୍ମରୁ ୫୦୦ ବାସ ଚନ୍ଦନ ଗଛ ଚାରା କିଣି ଆଣି ନିଜ ଜମିରେ ରୋପଣ କରି ଜୈବିକ ଖତ ସାର, ଜଳସେଚନ, ର କ୍ଷଣା ବେକ୍ଷଣ କରିଥିଲେ। ଏଥିପାଇଁ ତାଙ୍କୁ କୌଣସି ସଂସ୍ଥା କିମ୍ବା ବନ ବିଭାଗ ପକ୍ଷରୁ କୌଣସି ପ୍ରୋତ୍ସାହନ ରାଶି ମିଳିନାହିଁ। ଏନେଇ ମଣ୍ଡଳ କହିଛନ୍ତି, ଆଗକୁ ଏହି ଗଛଗୁଡିକୁ ବଞ୍ଚାଇରଖିପାରିବି କି ନାହିଁ ସନ୍ଦେହରେ ଅଛି। କାରଣ ଏଥିପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ମୋପାଇଁ ସମସ୍ୟା ସାଜିଛି। ବର୍ତ୍ତମାନ ଗଛଗୁଡିକ ୪/୫ଫୁଟ ଉଚ୍ଚତା ହେଲାଣି। ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

### ନିଜସ୍ୱ ଖର୍ଚ୍ଚରେ ଲଗାଇଲେଣି ୫ ଶହ ଚନ୍ଦନ ବୃକ୍ଷ

# ଘରେ ଆଶ୍ରୟ ନେଇ ନାବାଳିକାଙ୍କୁ ଜଙ୍ଗଲକୁ ନେଇଗଲେ

ଦଶମନ୍ତପୁର, ୧।୪ (ଅରବିନ୍ଦ ନାୟକ )

### ବିଶ୍ୱାସରେ ବିଷ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ମୁର୍କାର ଆଦିବାସୀ ସାହିରେ ଗ୍ରାମର ଡମ୍ବୁ କମାରଙ୍କ ଘରେ ଭୋଜି ହେଉଥିଲା। ଏଥିରେ ଦଶମନ୍ତପୁର ପଞ୍ଚାୟତ ପରଜା ବାରିକଣ୍ଡା ଗ୍ରାମର ଭିଙ୍ଗୁ କମାରଙ୍କ ପୁଅ ମାଗୁ ଏବଂ ତାଙ୍କର ଜଣେ ସାଥୀ ଯୋଗ ଦେଇଥିଲେ। ତେବେ ଭୋଜି ଶେଷ ହୋଇ ଖାଇବା ସରିବା ବେଳକୁ ରାତି ହୋଇଯାଇଥିଲା। ରାତି ଅଧିକ ହୋଇଯିବାରୁ ଆଦିବାସୀ ସାହିର ଲୁକ୍କୁ ଜାନିଙ୍କ ଘରେ ଆଶ୍ରୟ ନେବା ପାଇଁ ମାଗୁ ଓ ତାଙ୍କ ସାଥୀ ଅନୁରୋଧ କରିଥିଲେ। ଲୁକ୍କୁ ସେମାନଙ୍କ କଥା ରଖି ଉଭୟଙ୍କୁ ନିଜ ଘରେ ଆଶୟ ଦେଇଥିଲେ। ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇପଡିବା ପରେ ମାଗୁ ଲୁକ୍କୁଙ୍କ ବିଶ୍ୱାସରେ ବିଷ ଦେଇଥିଲେ। ଲୁକ୍କୁଙ୍କ ଭିନ୍ନକ୍ଷମ ନାବାଳିକା ଝିଅ(୧୭)କୁ ଅପହରଣ କରି ନେଇ ଗ୍ରାମ ନିକଟସ୍ଥ କନ୍ଦାବାଡ଼ି ଝୋଲା ଉପରେ ଛାଡି ଚାଲିଯାଇଥିଲେ। ତେବେ ଝିଅ ମୂକ, ବଧିର ହୋଇଥିବାରୁ ଆମେ କିଛି ଜାଣିପାରି ନ ଥିଲୁ ବୋଲି ତାଙ୍କ ମା' କହିଛନ୍ତି। ସକାଳ ହେବା ପରେ ପରିବାର ଲୋକେ ଝିଅକୁ ଘରେ ନ ଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ କନ୍ଦାବାଡ଼ି ଝୋଲା ଦେଇ ସେହି ରାସ୍ତାରେ ଯାଉଥିବା ଗ୍ରାମର ଡୁରୁଡି ଜାନି ନାମକ ଯୁବକ ନିକଟରୁ କାହାର ଚିତ୍କାର ଶୁଣି ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବଡ଼ଭାଇ ଡମ୍ବୁ ସ୍ଥାନୀୟ ଥାନାରେ ଏତଲା ଦେଇଥିବା ଜଣାପଡିଛି।

# ଝାଡ଼ାବାନ୍ତିରେ ୧୨ ଗୋରୁ ମୃତ

ଦଶମନ୍ତପୁର, ୧।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ୨ଟି ଗ୍ରାମରେ ଝାଡାବାନ୍ତିରେ ୧୦ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମାଙ୍କଡ଼ମୁଣ୍ଡି ଗ୍ରାମର ଗୁପ୍ତେଶ୍ୱର ପରଜାଙ୍କ ଗୋଟିଏ ବଳଦ, ରତନ ପରଜାଙ୍କ ଗୋଟିଏ, ତ୍ରିନାଥ ଜାନିଙ୍କ ୩ଟି, ଭିକାରୀ ଜାନିଙ୍କ ଗୋଟିଏ, ପଦନ ପରଜାଙ୍କ ଗୋଟିଏ, ସର ମାଝୀଙ୍କ ଗୋଟିଏ ଚିକାମ୍ବ ହରିଜନ ସାହିର ମୁନା ଭତ୍ରାଙ୍କ ଗୋଟିଏ ଏବଂ ଗୋବର ସିଂଙ୍କ ୩ଟି ଗୋରୁଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଛି। କ୍ଷତିଗ୍ରସ୍ତ ମାଲିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଜିଲା କୋର୍ଟ ପରିସରରେ ଓଡ଼ିଶା ଦିବସ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରମହକୁମାସ୍ଥିତ ଜିଲା କୋର୍ଟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ଉପ ସଭାପତି ତାପସ ନାଥ, ସହ ସମ୍ପାଦକ କୈଳାସ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ଗୁପ୍ତ ମହାପାତ୍ର, ଅଶୋକ ପଟ୍ଟନାୟକ, ଗୋପାଳକୃଷ୍ଣ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା।



ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଆଇନଜୀବୀମାନେ ।

# ଅର୍ଥ ଆଦାୟ ଯୋଗୁ ପରୀକ୍ଷାରୁ ବଞ୍ଚିତ ହେଲେ ସନ୍ଦୀପ

କଲେଜ ପକ୍ଷରୁ ଆଦାୟ କରା ଯାଉଥିଲା ୧ହଜାର ଲେଖାଏ ଟଙ୍କା

ମାଥିଲି, ୧।୪(ସୁବାସ ଚନ୍ଦ୍ର ଖୁଣ୍ଟିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରମହକୁମାରେ ଥିବା ଯୁକ୍ତ ୩ କଲେଜରେ ଛାତ୍ରୀଛାତ୍ରଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ୧ହଜାର ଲେଖାଏ ଟଙ୍କା ଯିଏ ଦେବେ ସେ ପରୀକ୍ଷା ଦେଇପାରିବେ ନ ହେଲେ ନାହିଁ ବୋଲି କୁହାଯାଉଛି। ଫଳରେ ଅର୍ଥ ଦେଇ ନ ପାରି କେତେକ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ର ସନ୍ଦୀପ ବେହେରା ଅନ୍ୟତମ। ସେ ଅର୍ଥ ଦେଇ ନ ପାରିବାରୁ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଦେଇପାରିନାହାନ୍ତି। ତେବେ ଏ ସମ୍ପର୍କରେ



କଲେଜ ଅଧ୍ୟକ୍ଷ ରତ୍ନାକର ସାହୁଙ୍କୁ ପଚାରିବାରୁ ସେ ଅର୍ଥ ଆଦାୟକୁ ଅ ସ୍ୱ ୀ କା ର କରି କହିଲେ, ସମ୍ପୃକ୍ତ ଛାତ୍ର ଜଣକ ଆଦୌ ପରୀକ୍ଷା ଦେବାକୁ କୌଣସି ଦିନ ଆସିନାହାନ୍ତି। ଅନ୍ୟପକ୍ଷରେ ଛାତ୍ର ସନ୍ଦୀପଙ୍କୁ ପଚାରିବାରୁ ସେ କହିଲେ, ଅର୍ଥ ମାଗିବାରୁ ମୁଁ ଦେଇପାରିଲିନି। ତେଣୁ ପରୀକ୍ଷା ଦେବାକୁ ଗଲିନି ବୋଲି କହିଛନ୍ତି। ତେବେ ଏହାର ତଦନ୍ତ କରି ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶା ଦିବସ



ପାଳିତ ହୋଇଥିବା ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ସଦସ୍ୟମାନେ ।

ଏମଭି ୭୯, ୧।୪(ଭିକି ବାରିକ)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ନାଲାଗୁଣ୍ଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଓଡିଆ ସଂସ୍କୃତି ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର ହୋଇଥିଲା। ମୁଖ୍ୟ ଅତିଥି ଭାବେ କାଲିମେଳା ବ୍ଲକ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି ଯୋଗଦେଇ ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ଓଡିଶା ପ୍ରଦେଶ ଗଠନର ଇତିହାସ ଏବଂ ଏଥିପାଇଁ ପ୍ରାଣବଳୀ ଦେଇଥିବା ମହାପୁରୁଷମାନଙ୍କ ସଂଗ୍ରାମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିମେଷ ମଣ୍ଡଳ ଯୋଗ ଦେଇ ଉତ୍କଳମାତାର ସନ୍ତାନ ହୋଇ ସେ ନିଜକୁ ଗର୍ବ ମନେ କରୁଥିବା ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗରେ ୬ ଜଣ କୃତିତ୍ୱ ହାସଲ କରିଥିଲେ। ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କଲୋନୀ ବିଦ୍ୟାଳୟ ସହକାରୀ ଶିକ୍ଷକ ଧ୍ରୁବଚରଣ ନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚିନ୍ତାହରଣ ମଧୁ, ନାଲାଗୁଣ୍ଡି ସରପଞ୍ଚ ସୁକାନ୍ତି ମାଡି, ସମିତିସଭ୍ୟ ବିଦ୍ୟା ମାଡକାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଲା ପଡିଆମି, ଗ୍ରାମ ମୁଖିଆ କାନା ମାଡି, ସିଆରସିସି ନିଶିକାନ୍ତ ଅଧିକାରୀ, ପ୍ରଧାନ ଶିକ୍ଷକ ପ୍ରଦୀପ ତାପାଲି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ନବକିଶୋର ମଲିକ, ଶିକ୍ଷକ ଦାମୋଦର ଡୁରୁକା, ଅଭୟ ମହାରଣା, ପୀତାମ୍ବର ବରାଳ, ଜିଲା କୋଷାଧ୍ୟକ୍ଷ ହୃଷିକେଶ ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଓଡିଆ ସଂସ୍କୃତି ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା

# ୮୯ତମ ପୋଲିସ ପ୍ରତିଷ୍ଠା ଦିବସ



ପୋଲିସମାନେ ପରେଡ୍ ପ୍ରଦର୍ଶନ କରୁଛନ୍ତି ।

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ୮୯ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ନିତିଶ ବାଧବାନି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ , ଏସ୍‌ଡିପିଓ ସଚିନ ପଟେଲଙ୍କ ସହହ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ବିଏସ୍ଏଫ୍ କମାଣ୍ଡାଣ୍ଟ, ଖବରଦାତାମାନେ ଉପସ୍ଥିତ ଥିଲେ। ୧୯୩୬ ଏପ୍ରିଲ ପହିଲାରେ ଓଡିଶାରେ ପୋଲିସ ବିଭାଗକୁ ଏକ ସ୍ୱତନ୍ତ୍ର ବିଭାଗ ରୂପେ ଗଠନ କରାଯାଇଥିଲା। ସେବେଠାରୁ ଏପ୍ରିଲ ୧ ତାରିଖକୁ ପୋଲିସ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଉଛି। ପରେଡ ପରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପୋଲିସ ବିଭାଗରେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିଥିବା ଏସ୍ଆଇ ଚନ୍ଦ୍ରକାନ୍ତ ତାଣ୍ଡି, ଏଏସ୍ଆଇ ରାଜେନ୍ଦ୍ର ଖିଲ, ହାବିଲଦାର ସୁବାଷ ଚନ୍ଦ୍ର ଗୁରୁ, କନଷ୍ଟେବଲ ଶ୍ୟାମଲୀ ବିଶ୍ୱାସ, ପ୍ରହଲ୍ଲାଦ ଶିଶା, ଏସ୍ଆଇ ଅକ୍ଷୟ ଘଡେଇ, ହାବିଲଦାର ଲୋକବାହାଦୁର ଗୁରୁଙ୍ଗି, ସିପାୟ ରତନ ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା।

# ନନ୍ଦପୁରରେ ରାମନବମୀ ପାଳନ ପାଇଁ ବୈଠକ

ନନ୍ଦପୁର, ୧।୪(ଶଙ୍କର ପୂଜାରୀ)–

ନନ୍ଦପୁର ଗଉଡ଼ସାହିସ୍ଥିତ ରାମମନ୍ଦିର ପରିସରରେ ଆସନ୍ତା ୧୭ ତାରିଖରେ ରାମ ନବମୀ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଚଳିତ ବିଧି ଅନୁସାରେ ରାମ ନବମୀର ୯ ଦିନ ନୀତିକାନ୍ତି ପାଳନ ହେବ। ୧୪ରେ ମନ୍ଦିର ସମ୍ମୁଖରେ ଧ୍ୟାନରତ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବ। ୧୭ରେ ମନ୍ଦିର ପରିସରରେ ସୀତାରାମଙ୍କ ବିବାହ ଅନୁଷ୍ଠିତ ହେବ। ଅପରାହ୍ନରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିବ। ନନ୍ଦପୁର ସମେତ ବିଭିନ୍ନ ପଞ୍ଚାୟତର ୨୫ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ, ଯୁବ ମହିଳା ପୁରୁଷ ସାମିଲ ହେବାକୁ ବୈଠକରେ ସ୍ଥିର ହୋଇଛି। ଚଳିତବର୍ଷର ରାମନବମୀ ପରିଚାଳନା ନିମନ୍ତେ ସଭାପତି ଭାବେ ବିଶ୍ୱଜିତ୍ ପାଣିଆ, ଉପ ସଭାପତି ନରେନ୍ଦ୍ର ଗଉଡ, ସମ୍ପାଦକ ତାପସ ଗଉଡ ଓ କୋଷାଧ୍ୟକ୍ଷ ଭାବେ ଅଭିଜିତ ପାଣିଆଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ମନ୍ଦିର ନିର୍ମାତା କେ. ଆରଜୁ, ଲିଙ୍ଗରାଜ ଚୌଧୁରୀ, ଅର୍ଜୁନ ନାୟକ, ଚୁଲୁ ଗଉଡ, ଦଇତାରି ଗଉଡ, ଲୋକନାଥ ଚୌଧୁରୀ, ରମେଶ ଚୌଧୁରୀ, ତୁଷାରକାନ୍ତ ମହାନ୍ତି, ବ୍ଲକ ସଙ୍କୀର୍ତ୍ତନ ସମ୍ପାଦକ ଗୋପାଳ ବେହେରା, ମନ ଚାଲାଣ, ଖଗପତି ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସାଧାରଣଙ୍କ ବିଶ୍ୱାସଭାଜନ ନେଇ କାର୍ଯ୍ୟ କର: ଡିଆଇଜି

କୋରାପୁଟ, ୧।୪(ଅମିତାଭ ବେହେରା)



ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ପୋଲିସ ଉପରେ ସବୁବେଳେ ଶାନ୍ତ ସ୍ୱଭାବ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଗୁରୁଦାୟିତ୍ୱ ରହିଛି। ଏହା ବଜାୟ ରଖିଲେ ପୋଲିସ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ସହ ତାଙ୍କର ଅତି ନିକଟତର ହୋଇପାରିବ ବୋଲି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା କହିଛନ୍ତି। ସୋମବାର କୋରାପୁଟ ପୋଲିସ ପଡିଆଠାରେ ଆୟୋଜିତ ୮୯ ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଛନ୍ତି। କୋରାପୁଟ ଜିଲା ପୋଲିସ, ଓଏସ୍ଏପି ତୃତୀୟ ବାଟାଲିୟନ, ସ୍ୱତନ୍ତ୍ର ସପ୍ତମ ବାଟାଲିୟନ ଓ ଆଇଆରବି ବାଟାଲିୟନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସରେ ଡିଆଇଜି ମିନା ପୋଲିସ ପତାକା ଉତ୍ତୋଳନ କରିବା ସହ ଆୟୋଜିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପୋଲିସ ବର୍ତ୍ତମାନ ଶାନ୍ତିଶୃଙ୍ଖଳା ରକ୍ଷା, ସାଇବର ମାମଲା, ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ବରିଷ୍ଠ ମହିଳା ଓ ନାରୀମାନଙ୍କୁ ସୁରକ୍ଷା ନିଷ୍ଠାର ସହ କାର୍ଯ୍ୟ କରିଆସୁଛି ବୋଲି ସେ ଏହି ଅବସରରେ ସୂଚନା ଦେଇଥିଲେ। ଉଲ୍ଲେଖନୀୟ ସେବା ପାଇଁ ଜିଲା ପୋଲିସର ରାମଚନ୍ଦ୍ର ମାଡକାମୀ, କରୁଣାକର ଶବର, କମଳ ଲୋଚନ ଖିଲ, ଲଳିତ ବିଶ୍ୱାଳ, ମୋହନ ନାଗ, ରତ୍ନାକର ରଥ, ଓଏସ୍ଏପି ତୃତୀୟ ବାଟାଲିୟନର ପ୍ରଦୀପ ଚନ୍ଦ୍ର ସିଂ, ଶ୍ରୀନିବାସ ରେଡ୍ଡି, ବିଜୟକେତନ ହନ୍ତାଳ, ରମାକାନ୍ତ ବେହେରା, ସପ୍ତମ ସ୍ୱତନ୍ତ୍ର ବାଟାଲିୟନର ବିରଞ୍ଚି ନାରାୟଣ ପରିଡା, ଗିରିଧାରୀ ମହାଲିକ, ଦୟାସେନ ଖ୍ରୀଷ୍ଟିଆନ ପ୍ରମୁଖ ୧୩ ଜଣ ପୋଲିସଙ୍କୁ ଡିଆଜି ମିନା ସମ୍ମାନିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମିନା ପୋଲିସ ପ୍ରତିଷ୍ଠା ଦିବସରେ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର ଯୋଗଦେଇ ପୋଲିସମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ପୋଲିସ ରିଜର୍ଭ ଇନ୍ସପେକ୍ଟର ପରେଡ ପରିଚାଳନା କରିଥିଲେ ।

### କୋରାପୁଟରେ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ

## ସଂକ୍ଷେପରେ

### ପୋଲିସ ଗୁଳିରେ ଜଣେ ମାଓବାଦୀ ନିହତ

**ଟେଟମଡଗୁ ଅଞ୍ଚଳରେ ମାଓବାଦୀ-ପୋଲିସ ଗୁଳି ବିନିମୟ**

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡିଛି, ସୁକ୍ମା ଜିଲା ଟେଟମଡଗୁ ଅଞ୍ଚଳରେ କୋବ୍ରା ୨୦୮ ଓ ୨୦୪ ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଉପସ୍ଥିତ ଥିବା ମାଓବାଦୀ ଯବାନଙ୍କ ଉପରକୁ ହଠାତ୍ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଯବାନଙ୍କୁ ମୁକାବିଲା କରି ନ ପାରି ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସର୍ଚ୍ଚ କରିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଏଥିସହ ବିପୁଳ ପରିମାଣର ମାଓବାଦୀ ବ୍ୟବହୃତ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଯବାନମାନେ ଜବତ କରିଥିବା ସୁକ୍ମା ଏସ୍‌ପି କିରଣ ଚୌହାନ କହିଛନ୍ତି।

### କେନାଲ ଭିତରକୁ ପଶିଲା ଟିପ୍ପର

ଜୟପୁର, ୧।୪ (ପବନ ପାଣିଗ୍ରାହୀ)

ଜୟପୁର କୋଲାବ ଶାଖା କେନାଲ ଭିତରକୁ ସୋମବାର ଏକ ଟିପ୍ପର ପଶିଯାଇଛି। ଟିପପରକୁ ଏକ ଟ୍ରକ ଧକ୍କା ଦେବାରୁ ଏହା ଓଲଟି ପଡି କେନାଲ ଭିତରକୁ ପଶିଯାଇଥିବା ଜଣାଯାଇଛି । ପାରାବେଡା ଓ ଏକଟାଗୁଡା ସଂଯୋଗ କରୁଥିବା ବ୍ରିଜ ନିକଟରେ ଏହି ଦୁର୍ଘଟଣା ଘଟିଛି। କେହି ମୃତାହତ ହୋଇ ନାହାନ୍ତି।

### ସିସି ନଚେତ୍ ପିଚୁ ରାସ୍ତା ନିର୍ମାଣ ଦାବି

ଜୟପୁର, ୧।୪ (ପବନ ପାଣିଗ୍ରାହୀ)

ସିସି କିମ୍ବା ପିଚୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ସୋମବାର ଆଜି ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଭେଟି ଦାବି କରିଛନ୍ତି। ସେମାନେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ନୁଆ ମାଟିରେ ରାସ୍ତା ମରାମତି କାମ ବନ୍ଦ କରି ସିସି କିମ୍ବା ପିଚୁ ରାସ୍ତା ନିର୍ମାଣ କରାଯାଉ। ବାରିଣିପୁଟ ପଞ୍ଚାୟତ ଅନ୍ତର୍ଗତ ଲାଠିଗୁଡ, ଡଙ୍ଗରାବେଡା, ଛଡାପଦର, ବଡିଗୁଡା, ତେଲିଆଗୁଡା ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଠେକିଆଗୁଡା ପରଜାସାହିଠାରୁ ବଡିଗୁଡା ପର୍ଯ୍ୟନ୍ତ ୬ ମିଟର ପୁରୁଣା ମେଟାଲ ରାସ୍ତା ରହିଛି। ଉକ୍ତ ରାସ୍ତା ଦେଇ ଦୈନିକ ବହୁ ଲୋକ ଯାତାୟାତ କରନ୍ତି । ବର୍ତ୍ତମାନ ସରକାରୀ ଯୋଜନାରେ ରାସ୍ତାର ଉନ୍ନତି ନିମନ୍ତେ ତଥା ରାସ୍ତା ମରାମତି ପାଇଁ ନୂଆ ମାଟି ପକାଇ ରାସ୍ତା ମରାମତି କାମ ଆରମ୍ଭ ହୋଇଛି । ଉକ୍ତ ରାସ୍ତାରେ ଗାଡି ମୋଟର ସହ ଲୋକମାନେ ମଧ୍ୟ ସବୁିଧାରେ ଯିବା ଆସିବା କରିପାରିବେନାହିଁ। ବର୍ଷା ଦିନେ ଉକ୍ତ ରାସ୍ତା ମରଣଡା ପାଲଟିବ ବୋଲି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# କୋଟିଆରେ ଓଡ଼ିଶା ଦିବସ ପାଳିଲା ନାଗରିକ ଏକତା ମଞ୍ଚ

ପଟ୍ଟାଙ୍ଗି, ୧।୪(ଶରତ ଧଳ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋରାପୁଟ ଜିଲାର ନାଗରିକ ଏକତା ମଞ୍ଚ ପକ୍ଷରୁ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ଓଡ଼ିଶା ଦିବସ ସୋମବାର ପାଳିତ ହୋଇଯାଇଛି। ମଞ୍ଚର କର୍ମକର୍ତ୍ତା ମାନେ ସକାଳୁ କୋଟିଆ ପଞ୍ଚାୟତରେ ପହଞ୍ଚି ଓଡ଼ିଶା ଦିବସ ପାଳନ କରି ମାଡକାର ଓ ଜାନିଗୁଡା ଗ୍ରାମରେ ଲୋକଙ୍କୁ ଉତ୍କଳ ଦିବସର ତାପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। କୋଟିଆ ଓଡିଶା ତଥା କୋରାପୁଟ ଜିଲାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସନ୍ଦେଶ ଦେବା ଉକ୍ତ ଦିବସ କୋଟିଆରେ ପାଳନ କରିବାର ଉଦ୍ଦେଶ୍ୟ ବୋଲ ମଞ୍ଚ ସଭାପତି ମନୋଜ ଆଚାର୍ଯ୍ୟ କହଛନ୍ତି। ଓଡ଼ିଶା ଦିବସ ଓଡିଶାର ବିଶେଷ ପର୍ବ। ଏହି ପର୍ବ ପ୍ରତିବର୍ଷ ଏପରି କୋଟିଆ ପଞ୍ଚାୟତର ଗ୍ରାମଗୁଡିକରେ ପାଳନ କରାଯିବ ବୋଲି ସାଧାରଣ ସମ୍ପାଦକ ଦିଲୀପ ମହାନ୍ତି ପ୍ରକାଶ କରିଥିଲେ। ଉପସଭାପତି ସନ୍ତୋଷ ପଲାଇ, ସହ ସମ୍ପାଦକ ପ୍ରମୋଦ ସେଠୀ, ସଭ୍ୟ ଭାସ୍କର ଖରା, ସିଙ୍ଗୁର ଗେମେଲ, ଡମ୍ବରୁ ଗେମେଲ, ଅଶୋକ ଗେମେଲ, ବିଙ୍ଗୁ ଗେମେଲ, ଲିଙ୍ଗ ତାଡିଙ୍ଗି, ଜିରୋ ଗେମେଲଙ୍କ ସହ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

ସେହିପରି ଅନୁରୂପ ଭାବେ ପଟ୍ଟାଙ୍ଗି ବ୍ଲକ



କୋଟିଆବାସୀଙ୍କ ସହ ନାଗରିକ ଏକତା ମଞ୍ଚ କର୍ମକର୍ତ୍ତା।

**ଓଡ଼ିଆ ଭାଷାର ପ୍ରଚାରପ୍ରସାର ଉପରେ ବ୍ଲକ ପ୍ରଶାସନର ଗୁରୁତ୍ୱ**

ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଆୟୋଜନ କରି ଓଡିଶା ଦିବସ ପାଳନ କରାଯାଇଥିଲା। ଓଡିଆ ଭାଷା କିପରି ପ୍ରଚାର ପ୍ରସାର ହୋଇ ପାରିବ ଏବଂ ଓଡ଼ିଆ ଭାଷାକୁ ସୀମାନ୍ତବାସୀ ମାତୃଭାଷା ରୁପେ ଗ୍ରହଣ କରିବେ ଏହା ହେଉଛି ସୀମାନ୍ତ ଗ୍ରାମରେ ଓଡ଼ିଶା ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି ଉପସ୍ଥିତ ବିଡ଼ିଓ ସୁକାନ୍ତ ପଟ୍ଟନାୟକ କହିଥିଲେ। ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ଜିପିଓ ଦିବାକର ପୁରୋହିତ ମଧ୍ୟ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାରପ୍ରସାର ଉପରେ ମତ ରଖିଥିଲେ।

## ବିଜେଡି ପକ୍ଷରୁ ଓଡ଼ିଶା ଦିବସ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)


କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ ।

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇ ଯାଇଛି। ପ୍ରାରମ୍ଭରେ ସଦର ମହକୁମା ଲାଠିଆଗୁଡାଠାରେ ବିଜୁ ପଟ୍ଟନାୟକଙ୍କ ଦକ୍ଷତା ବିକାଶ କେନ୍ଦ୍ରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଲକାନଗିରି ବିଜୁ ଜନତା ଦଳର ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ମାଲକାନଗିରି ଜିଲା ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ ବାରିକ, ଜିଲା ଓକିଲ ସଂଘ ଉପସଭାପତି ତାପସ ନାଥ, ବିଜେଡି ବରିଷ୍ଠ ନେତା ଅଜୟ ଦାସ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଯୁବ ସମ୍ପାଦକ ବସନ୍ତ ନାୟକ, ପୌରାଞ୍ଚଳ ଛାତ୍ର ସଭାପତି ଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା, ବୁଥ୍ ପରିଦର୍ଶନ

ନନ୍ଦାହାଣ୍ଡି,୧।୪ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ନନ୍ଦାହାଣ୍ଡି ବ୍ଲକ ଗସ୍ତ କରି ନିର୍ବାଚନ ପୂର୍ବ ପ୍ରସ୍ତୁତି ସମୀକ୍ଷା କରିଥିଲେ। ନିର୍ବାଚନ କିଭଳି ସୁରୁଖୁରୁରେ ପରିଚାଳନା ହେବ ସେ ନେଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ବ୍ଲକର ଅନ୍ୟ କର୍ମଚାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଏଥିସହ ସେ କିଛି ବୁଥ ପରିଦର୍ଶନ କରିଥିଲେ। ବୁଥ୍‌ଗୁଡ଼ିକରେ ନିର୍ବାଚନ ଦିନରେ ବିଶେଷ କରି ଦିବ୍ୟାଙ୍ଗ ଓ ବୟସ୍କ ମତଦାତାଙ୍କ ପାଇଁ ରାମ୍ପ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ, ନିରାପତ୍ତା, ପ୍ରତୀକ୍ଷା ସ୍ଥାନ ଓ ଶୌଚାଳୟ ବ୍ୟବସ୍ଥା ବୁଝିଥିଲେ। ଅନ୍ୟ ବୁଥ୍‌ଗୁଡିକରେ କେଉଁ ସବୁ ସମସ୍ୟା ଅଛି ତାହାର ତଥ୍ୟ ଜିଲା ନିର୍ବାଚନ ଅଧିକାରୀଙ୍କୁ ଦେବାକୁ ସେକ୍ଟର ଅଫିସର ଏବଂ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସମସ୍ତ ବୁଥ୍‌ରେ ଆବଶ୍ୟକୀୟ ସୁବିଧାର ବନ୍ଦୋବସ୍ତ କରାଯିବା ନେଇ କାର୍ଯ୍ୟ ଚାଲୁଛି ବୋଲି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।


ବିଡିଓ ଓ ଅନ୍ୟ ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି ।

### ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଅଟକ

ଜୟପୁର, ୧।୪ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡାରେ ଜଣେ ବୃଦ୍ଧଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଥିବା ସୋମବାର ସଦର ଥାନାରେ ଅଭିଯୋଗ ହୋଇଛି । ପ୍ରଦତ୍ତ ଏତଲାରେ ଉଲ୍ଲେଖ ରହିଛି ଯେ, ବାୟାଗୁଡା ଗ୍ରାମର ଦୁର୍ଯ୍ୟ ହରିଜନ ଓ ତାଙ୍କ ସାଙ୍ଗମାନେ ନିକିଗିରି ଗଛ କାଟି ଖାଇବାକୁ ଆସୁଥିବା ସମୟରେ ଗ୍ରାମର ସୁନ୍ଦର ହରିଜନ (୫୦)ଙ୍କୁ ସାନ ଜିଉନା ଗ୍ରାମର କେତେ ଜଣ ମିଶି ସଂଘବଦ୍ଧ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ। ସୁନ୍ଦରଙ୍କୁ ନ ମାରିବା ପାଇଁ ଦୁର୍ଯ୍ୟ ସେମାନଙ୍କୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ବନ୍ଧୁକ ଦେଖାଇ ଧମକ ଚମକ ଦେଇଥିଲେ । ଆକ୍ରମଣରେ ସୁନ୍ଦରଙ୍କ ଗୋଡ ହାତ ଭାଙ୍ଗି ଯାଇଥିବା ଜଣାପଡିଛି। ସୁନ୍ଦରଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ସଂଘ ବଦ୍ଧ ଆକ୍ରମଣ କରିଥିବା ଅଭିଯୁକ୍ତ ଙ୍କୁ ଗିରଫ କରିବା ପାଇଁ ଗ୍ରାମବାସୀ ଜୟପୁର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ମାମଲାରେ ୩ ଜଣକୁ ଅଟକ ରଖି ପଚରା ଉଚରା କରାଯାଉଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ନନ୍ଦପୁର ବ୍ଲକର ୩ ଜଙ୍ଗଲରେ ନିଆଁ

ନନ୍ଦପୁର, ୧।୪(ଶଙ୍କର ପୂଜାରୀ)

ଗ୍ରୀଷ୍ମ ପ୍ରବାହ ବଢିବା ସହ ଜଙ୍ଗଲ ନିଆଁ ପରିବେଶକୁ ଉଷ୍ମ କରିଛି। ଦିନକରେ ନନ୍ଦପୁର ବନପାଳଙ୍କ ଅଧୀନ ନନ୍ଦିଗାଁ, ଖିଲୁଆ, ମୁଠାଇ ତିନି ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବାକୁ ଜଙ୍ଗଲ ବିଭାଗ, ଅଗ୍ନିଶମ ବିଭାଗ, ଜଙ୍ଗଲ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କୁ ନୟାନ୍ତ ହେବାକୁ ପଡ଼ିଛି। ଖିଲୁଆ ଓ ମୁଠାଇ ଜଙ୍ଗଲରେ ଲାଗିଥିବା ନିଆଁ ଲିଭା ନ ସରୁଣୁ ଖୁର୍ଜି ପଞ୍ଚାୟତର ନନ୍ଦିଗାଁ ଜଙ୍ଗଲରେ ନିଆଁ ଲାଗିଥିବା ଖବର ମିଳିଥିଲା। ଖବର ପାଇ ଘଟଣା ସ୍ଥଳକୁ ନନ୍ଦପୁର ଅଗ୍ନିଶମ କର୍ମଚାରୀ ଯାଇଥିବା ବନପାଳ ଗୋପୀନାଥ ପାଙ୍ଗି ଓ ଏଲଏଫଏମ ପର୍ଶୁରାମ ପାତ୍ର କହିଛନ୍ତି। ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀ ନିଜକୁ ଜଙ୍ଗଲ ନିଆଁଠାରୁ ସୁରକ୍ଷିତ ରଖନ୍ତୁ। ନିଆଁ ଲାଗିବା ଦେଖିବା ମାତ୍ରେ ନିଜେ ଲିଭାଇବାକୁ ଚେଷ୍ଟା କରି ତୁରନ୍ତ ସୂଚନା ଦେବା, ଏ କ୍ଷେତ୍ରରେ ଜଙ୍ଗଲ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଜୟପୁର, ୧।୪ (ପବନ ପାଣିଗ୍ରାହୀ)

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ପ୍ରଭାତ ପରିଡା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ଜୟପୁର ରଜାନଅରସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏଠାରେ ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ନବୀନ ମାଦଳା, ପରମେଶ୍ୱର ପାତ୍ର, ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲା କୋର୍ଟ ପରିସରରେ ଥିବା ମଧୁସୂଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଂଘ ସଭାପତି ତ୍ରିନାଥ ସିଂଲାଲ, ବୀରେଶ ପଟ୍ଟନାୟକ, ମହେନ୍ଦ୍ର ଅଧିକାରୀ, ସହଦେବ ପଟ୍ଟନାୟକ, ଗିରିଧର ଖରା ପ୍ରମୁଖ ଉପସ୍ଥିତ ଥିଲେ।


ଜୟପୁରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥି।

## ଗଛ ଉପୁଡ଼ି ରାସ୍ତା ଅବରୋଧ


ବିଶାଖାପାଟଣା-ଜୟପୁର ରାସ୍ତାରେ ଉପୁଡି ପଡିଥିବା ଗଛ।

ନନ୍ଦପୁର, ୧।୪(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା-ଜୟପୁର ରାଜ୍ୟ ରାଜପଥର ଶିରିଶଗୁଡା ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ରାସ୍ତା କଡ଼ରେ ଥିବା ଏକ ବିରାଟ ଗଛ ହଠାତ ଉପୁଡ଼ିପଡିଛି। ଫଳରେ ଉକ୍ତ ରାସ୍ତା ଅବରୋଧ ହୋଇ ଗାଡିମୋଟର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ନନ୍ଦପୁର ଅଗ୍ନିଶମ ବିଭାଗ, ପାଡୁଆ ପୋଲିସ ଓ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇ ଥିଲା। ଅଗ୍ନିଶମ କର୍ମଚାରୀ ଏଲଏଫଏମ୍ ପର୍ଶୁରାମ ପାତ୍ର, ହାବିଲଦାର ସୁରେଶ ଛତର, ଏଫ୍ଏମ୍ ପୂର୍ଣ୍ଣ ସେଠୀ, ପ୍ରକାଶ କିଶନଙ୍କୁ ନେଇ ଗଠିତ ଟିମ୍ ସାଢେ ୧୨ଟାରେ ପହଞ୍ଚି ରାସ୍ତାରେ ପଡିଥିବା ଗଛକାଟି ଅବରୋଧ ହଟାଇଥିଲେ। ପରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଉକ୍ତ ରାସ୍ତାରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରାସ୍ତାକଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛଗୁଡ଼ିକ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜିଲାସ୍ତରୀୟ ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ

କୋରାପୁଟ,୧।୪(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ଏବଂ ସ୍ମାରକୀ କମିଟିର ମିଳିତ ଆନୁକୁଲ୍ୟରେ କୋରାପୁଟରେ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ଥାନୀୟ ସଂସ୍କୃତି ଭବନଠାରେ ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳେ ଜିଲାପାଳ ଭି. କିର୍ତ୍ତି ଭାସନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହରର ବିଭିନ୍ନ ଛକରେ ଥିବା ଉତ୍କଳ ବରପୁତ୍ର ମଧୁସୂଧନ ଦାସ, ଉତ୍କଳମଣୀ ଗୋବବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ସଦାଶିବ ତ୍ରିପାଠି, ବି ଆର ଆମ୍ବେଡକର, ବସଷ୍ଟାଣ୍ଡସ୍ଥିତ ସହିଦ ଲକ୍ଷ୍ମଣ ନାୟକ, ଗୁଣ୍ଡିଚା ଛକସ୍ଥିତ ସୁବାଷ ଚନ୍ଦ୍ର ବୋଷ, କୁକୁଡା ଫାର୍ମ ଛକଠାରେ ଥିବା ଲାଲ ବାହାଦୁର ଶାସ୍ତ୍ରୀ ଓ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଲମ୍ବଜିତ ରାଉତ ଓ ଆଲୋମନୀ ସେଠୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉପଜିଲାପାଳ ବେଣୁଧର ଶବର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, କୋରାପୁଟ ମ୍ୟୁନିସପାଲିଟିର ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ରଙ୍କ ସମେତ ବହୁ ଅଧିକାରୀ ଓ ଜିଲା ସ୍ମାରକୀ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ । ସେହିପରି ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଅତିରିକ୍ତ ଜିଲାପାଳ ଲମ୍ବଜିତ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଅତିଥି ଭାବେ ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ପ୍ରାବନ୍ଧିକ ନାରାୟଣ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନେଇ ନିଜକୁ ଉତ୍ସର୍ଗ କରିଥିବା ଓଡିଶାର ବରପୁତ୍ରମାନଙ୍କୁ ପ୍ରଣିପାତ କରିବା ସହିତ ଉତ୍କଳ ଦିବସ ମୁଖ୍ୟ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ପ୍ରିତିସୁଧା ଜେନା ପରିଚାଳନା କରିଥିଲେ।


ଓଡ଼ିଶା ଦିବସ ଅବସରରେ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥି ।

## ୩ ପ୍ରାର୍ଥୀଙ୍କ ସପକ୍ଷରେ ଗୋଟିଏ ମଞ୍ଚରେ ତିନି ଗୋଷ୍ଠୀ

- ପ୍ରାର୍ଥୀ ଘୋଷଣା ବିଳମ୍ବ ଯୋଗୁ କଂଗ୍ରେସ କର୍ମୀଙ୍କ ପ୍ରତିବାଦ
- କାଡାମଙ୍କୁ ଟିକେଟ୍ ଦେଲେ ସ୍ୱାଧୀନ ପ୍ରାର୍ଥୀ ଛିଡା କରିବୁ

ପଟ୍ଟାଙ୍ଗି, ୧।୪(ଶରତ ଧଳ)


ପଟ୍ଟାଙ୍ଗି ମିନି ଷ୍ଟାଡିୟମରେ ସୋମବାର ଏକାଠି ହୋଇଥିବା କଂଗ୍ରେସ କର୍ମୀମାନେ ।

ବିଧାନସଭା ଏବଂ ଲୋକସଭା ନିର୍ବାଚନ ପାଇଁ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ରାଜ୍ୟରେ ଶାସକ ଦଳ ବିଜେଡି ତାର ପ୍ରଥମ ପର୍ଯ୍ୟାୟ ବିଧାନସଭା ଏବଂ ଲୋକସଭା ନିମନ୍ତେ ପ୍ରାର୍ଥୀତାଲିକା ଘୋଷଣା କରି ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଥିବା ଦେଖିବାକୁ ମିଳିଛି। ତେବେ ଏନେଇ କେଉଁଠି ବିରୋଧର ସ୍ୱର ମଧ୍ୟ ଉଠିଛି। ଏହିପରି ସ୍ଥଳେ କଂଗ୍ରେସ ଓ ଭାଜପା ନିଜ ଦଳ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ପଛରେ ରହିଛି। କଂଗ୍ରେସ ନିଜ ଦଳ ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହା ପୂର୍ବରୁ କୋରାପୁଟ ଜିଲାର କେତେକ ନିର୍ବାଚନ ମଣ୍ଡଳୀରେ ପ୍ରତିବାଦ ଆରମ୍ଭ ହୋଇଗଲାଣି । ଏପରି ପ୍ରତିବାଦର ସ୍ୱର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ପରିସରରେ ସୋମବାର ଦେଖିବାକୁ ମିଳିଛି।

ଉକ୍ତ ଷ୍ଟାଡିୟମରେ ନନ୍ଦପୁର , ସେମିଳିଗୁଡା ଓ ପଟ୍ଟାଙ୍ଗି ତିନି ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଏକାଠି ହୋଇ ନିଜ ମନରେ ଥିବା ଅସନ୍ତୋଷ ପ୍ରକାଶ କରି ଦଳ ପକ୍ଷରୁ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍‌ଙ୍କୁ ପୁଣିଥରେ ଟିକେଟ୍ ପ୍ରଦାନ ପାଇଁ ନିଆଯାଉଥିବା ପଦକ୍ଷେପକ ବିରୋଧ କରିଥିଲେ। କଂଗ୍ରେସ କର୍ତ୍ତୃପକ୍ଷ ଯଦି ଏକତରଫା ନିଷ୍ପତ୍ତି ନେଇ କାଡାମଙ୍କୁ ଟିକେଟ୍ ପ୍ରଦାନ କରିବେ ତାହେଲେ ଆଶାୟୀ ନୂତନ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଛିଡା କରିବୁ ବୋଲି କର୍ମମାନେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଗୋଟିଏ ଗୋଷ୍ଠୀ ଗୋବିନ୍ଦ ଖରା ଦୀର୍ଘ ୧୦ବର୍ଷ ଧରି ଦଳୀୟ ସଙ୍ଗଠନ କରି ଆସିଥିବାରୁ ଦଳ ତାଙ୍କୁ ଟିକେଟ୍ ଦେବା ଉଚିତ ବୋଲି ମତ ଦେଇଥିଲେ। ଅନ୍ୟ ଗୋଟିଏ ଗୋଷ୍ଠୀ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କୁ ଟିକେଟ୍ ପ୍ରଦାନ କରାଯାଉ ବୋଲି ଦାବି ଉଠାଇଥିଲେ। କେତେକ ଶାମ୍ଭ ପାଙ୍ଗିଙ୍କୁ ଟିକେଟ୍ ଦେବାକୁ ଦାବି କରିଥିଲେ। କର୍ମୀମାନଙ୍କ ଏପରି ଦାବି ଓ ପ୍ରତିବାଦର ସ୍ୱର କେତେ ଦୂର ସଫଳ ହେଉଛି ତାହା କଂଗ୍ରେସ ପ୍ରାର୍ଥୀତାଲିକା ଘୋଷଣା ପରେ ଜଣାପଡିବ ବୋଲି ଚର୍ଚ୍ଚା ହେଉଛି।

